ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.166 Bhubaneswar Thursday Auguest 18 2022 | ୨୫ତମ ବର୍ଷ ସଂଖ୍ୟା-୧୬୬ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ, ଆଜି ରାତି ଗୁରୁତ୍ୱପୂର୍ଣ୍ଣ: ୪୨୫ ଗାଁର ୨.୫୦ ଲକ୍ଷ ଲୋକ ଜଳବନ୍ଦୀ

ଭୁବନେଶ୍ୱର,୧୭।୮(ପି.ଏନ): ମହାନଦୀ ଓ ତା'ର ଶାଖା ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ୪ଟି ଜିଲ୍ଲା କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ କଟକ ଜିଲ୍ଲାର ତଳିଆ ଅଂଚଳରେ ସ୍ଥିତି ଚିନ୍ତାଜନକ ରହିଛି । ଆଜି ରାତି ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ତେଣୁ ସମସ୍ତେ ସତର୍କ ରହିବା ଉଚିତ୍ ଓ ଆସନ୍ତାକାଲି ସୁଦ୍ଧା ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିବ ବୋଲି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି । ଏହାସହିତ ହୀରାକୁଦର ୪୦ଟି ଗେଟ୍ ଆସନ୍ତାକାଲି ସକାଳ ୯ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ବିଶେଷଜ୍ଞଙ୍କ ପରାମର୍ଶରେ ସରକାର ନିଷ୍ପତ୍ତି ନେଇଥିବା ସେ କହିଛନ୍ତି । ରାଜ୍ୟର ମୋଟ ୪୨୫ଟି ଗାଁର ଅ??ଇ ଲକ୍ଷ ଲୋକ ଏବେ ଜଳବନ୍ଦୀ ଥିବାବେଳେ ୪.୬୭ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି ।ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ଜେନା ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତାକାଲି ସକାଳୁ ବନ୍ୟା ଜଳ କମିବ । ଏବେ ମୋଟ ୫ଟି ଘାଇ ହୋଇଛି । ଏସବୁ ଘାଇକୁ ମରାମତି କରିବା ପାଇଁ ଜୋରଦାର ପ୍ରୟାସ ଜାରି ରହିଛି । ମୋଟ ୧୯୭ଟି ସ୍ଥାନରେ ଘଳିଆ ମରାମତି କରାଯାଇ ବଡଧରଣର ବନ୍ୟା ପରିସ୍ଥିତିକୁ ଏଡାଇ ଦିଆଯାଇପାରିଛି । ଏବେ ମୁଣ୍ଡୁଳୀ,ଖଇରାମାଳ ଓ ବଡମାଳରେ ଜଳସ୍ତର ହ୍ରାସ ପାଉଛି । କିନ୍ତୁ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ୪ଟି



ଜିଲ୍ଲା କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ କଟକରେ ପରିସ୍ଥିତି ଚିନ୍ତାଜନକ ରହିଛି ।ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ମହାନଦୀ ଅବବାହିକାରେ ଥିବା ୧୨ଟି ଜିଲ୍ଲାର ମୋଟ ୬୪ଟି ବ୍ଲକର ୧୭୫୭ଟି ଗାଁ ଓ ୧୦ଟି ପୌରାଂଚଳର ୬୦ଟି ୱାର୍ଡର ମୋଟ ୪.୬୭ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି । ତେବେ ସର୍ବାଧିକ ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକର ୮୦୯ଟି ଗାଁର ୨୦୪୧୩ଜଣ ଲୋକ, କଟକର ୧୦ଟି ବ୍ଲକର ୩୦୭ଟି ଗାଁର ୧.୭୧ଲକ୍ଷ ଲୋକ, କେନ୍ଦ୍ରାପଡାର ୭ଟି ବ୍ଲକର ୮୬ଟି ଗାଁର୮୯୯୮୩ଜଣ, ପୁରୀର ୬ଟି ବ୍ଲକର ୧୩୮ଟି ଗାଁର ୬୭୬୧୮ଜଣ, ସମ୍ବଲପୁରର ୯ଟି ବ୍ଲକର ୪୫ଟି ଗାଁ, ସୋନପୁରରେ ୪ଟି ବ୍ଲକର ୩୧ଟି ଗାଁ, ଯାଜପୁରର ଗୋଟିଏ ବ୍ଲକର ୩୧ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ସେହିପରି ଯାଜପୁର ଓ ସମ୍ବଲପୁର ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ୧୦ଟି ଜିଲ୍ଲାର ୪୨୫ଟି ଗାଁର ୨ଲକ୍ଷ ୨୬ହଜାର ୪୪୭ଜଣ ଲୋକ ଜଳବନ୍ଦୀ ଅଛନ୍ତି । ମୋଟ ୧୫୮ଟି ମାଗଣା କିଚେନ୍ ଖୋଲାଯାଇ ୫୭୯୪୮ଜଣ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ୫୩୮୬୬ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ୧୪୪୪ଟି ଘର ନଷ୍ଟ ହୋଇଥିବାବେଳେ ୩୪୭୦୧ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାକୁ ୩ଟି ଲେଖାଏଁ ଓ କଟକ ଜିଲ୍ଲାକୁ ଗୋଟିଏ ମିନି ମିନେରାଲ ୱାଟର ପ୍ଲାଂଟ ଯୋଗାଇ ଦିଆଯାଇଛି । ଏହା ମାଧ୍ୟମରେ ବନ୍ୟା ପ୍ରଭାବିତ ଲୋକଙ୍କୁ ପାଉଚ୍‌ରେ ଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯିବ । ସେହିପରି ବନ୍ୟାଂଚଳରେ ରହୁଥିବା ଲୋକଙ୍କୁ ତୁରନ୍ତ ପଲିଥିନ ଦେବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ତହସିଲରେ ପର୍ଯ୍ୟାପ୍ତ ପରିମାଣର ପଲିଥିନ ଗଚ୍ଛିତ ରହିଛି । ଗତକାଲି ୨ଟି ଘାଇ ହୋଇଥିବାବେଳେ ଆଜି ମଧ୍ୟରେ ଆଉ ଅଧିକ ୩ଟି ଘାଇ ହୋଇଛି । ଶେଷ ଘାଇ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଇକା ନଦୀରେ ଘାଇ ହୋଇଛି । ସେଠାରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ବୋଲି ଶ୍ରୀ ଜେନା କହିଛନ୍ତି ।ଏବେ ରାଜ୍ୟରେ ମୋଟ ୧୮ଟି ଓଡ୍ରାଫ ଓ ଏନଡିଆରଏଫ ଟିମ୍ ଏବଂ ୪୪ଟି ଅଗ୍ନିଶମ ବାହିନୀ ଟିମ୍ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ମୁତୟନ ଅଛନ୍ତି । ଜଗତସିଂହପୁର ଜିଲ୍ଲାରେ ୩ଟି ଏନଡିଆରଏଫ ଓ ଗୋଟିଏ ଓଡ୍ରାଫ ଟିମ୍ ସହ ୮ଟି ଅଗ୍ନିଶମ ବାହିନୀ ଟିମ୍ ମୁତୟନ ଅଛନ୍ତି । ଏହି ଟିମ୍ ମୋଟ ୧୮ଟି ଟିମରେ ବିଭକ୍ତ ହୋଇ କାର୍ଯ୍ୟ କରିପାରିବ । ସେହିପରି ପୁରୀ ଜିଲ୍ଲାରେ ୩ଟି ଏନଡିଆରଏଫ ଓ ୨ଟି ଓଡ୍ରାଫ ଟିମ୍ ମୁତୟନ ଅଛନ୍ତି । ବନ୍ୟା ପରିସ୍ଥିତି ଚିନ୍ତାଜନକ ଥିବାରୁ ଜନପ୍ରତିନିଧି, ସାଧାରଣ ଲୋକ, ସରକାରୀ କର୍ମଚାରୀମାନଙ୍କୁ ମିଳିତ ଭାବେ ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ନିବେଦନ କରିଛନ୍ତି ।ସେହିପରି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର କହିଛନ୍ତି ଯେ, ହୀରାକୁଦର ମୋଟ ୪୦ଟି ଗେଟ୍ ଖୋଲା ରହିଛି । ଆଜି ସନ୍ଧ୍ୟା ୭ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳଧାରଣ ୬୨୬.୧୪ ଫୁଟ ରହିଥିବାବେଳେ ପ୍ରତି ସେକେଣ୍ଡରେ ଜଳଭଣ୍ଡାର ଭିତରକୁ ୫.୮୦ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଛି ଓ ୬.୭୦ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ସମ୍ଭାବ୍ୟ ଲଘୁଚାପ ବର୍ଷା ହେଲେ ବନ୍ୟା ପରିସ୍ଥିତି ବିଶେଷ ଉଦବେଗଜନକ ହେବନି ଓ ସର୍ବାଧିକ ୮ରୁ ସାଢ଼େ ୮ଲକ୍ଷ କ୍ୟୁସେକ ଜଳ ମୁଣ୍ଡୁଳୀ ଦେଇ ପ୍ରବାହିତ ହେବ ବୋଲି ଆକଳନ କରାଯାଇଛି । ଏବେ ମୁଣ୍ଡୁଳୀରେ ରାତି ୮ଟା ସୁଦ୍ଧା ୧୦.୪୧ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି ।



ଯାଜପୁର ଜିଲ୍ଲା ବେରୁଦା ଗ୍ରାମପଞ୍ଚାୟତର ବନ୍ୟାଜଳରେ ଏକ କୁମ୍ଭୀର ଦୃଶ୍ୟମାନ ଯୋଗୁଁ ଗ୍ରାମବାସୀମାନେ ଆତଙ୍କିତ

## ଅବକାରୀ ଚଢାଉରେ ତିନିମାସରେ ୧୪,୬୮୮ ଗିରଫ

ଭୁବନେଶ୍ୱର, ୧୭।୮(ପି.ଏନ): ଜୋରଦାର ଅବକାରୀ ଚଢଉ ଯୋଗୁଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ୧୪,୬୮୮ ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି, ଯାହାକି ଗତବର୍ଷର ଏହି ସମୟ ତୁଳନାରେ ୭୦ ପ୍ରତିଶତରୁ ଅଧିକ । ସେହିଭଳି ୫୮୩ ଏନଡିପିଏସ ମାମଲା ରୁଜୁ ହୋଇଛି । ୧୮,୧୪୫ଟି ମାମଲା ରୁଜୁ ହୋଇଛି ଯାହାକି ପୂର୍ବବର୍ଷର ଏହି ସମୟ ତୁଳନାରେ ୭୨ ପ୍ରତିଶତରୁ ଅଧିକ । ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଆଜି ବିଭାଗର ଧରପଗଡ ଓ ଅନ୍ୟାନ୍ୟ କାର୍ଯ୍ୟ ସଂକ୍ରାନ୍ତରେ କରିଥିବା ସମୀକ୍ଷାରୁ ଏହା ଜଣାପଡିଛି । ଅବକାରୀ କମିଶନରଙ୍କ ଏହି ଭର୍ଚୁଆଲ ସମୀକ୍ଷା ବୈଠକରେ ବିଭାଗର ଯୁଗ୍ମ କମିଶନର, ଇଡିସି, ସମସ୍ତ ସୁପରିଟେଣ୍ଡେଣ୍ଟ ପ୍ରମୁଖ ଯୋଗ ଦେଇଥିଲେ । ସମୀକ୍ଷାରୁ ଜଣାଯାଇଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସ ଅର୍ଥାତ ମଇ ରୁ ଜୁଲାଇ ମାସ ମଧ୍ୟରେ ଅବକାରୀ ଧରପଗଡ ଜୋରଦାର ଯୋଗୁଁ ୧୮,୧୪୫ ମାମଲା ରୁଜୁ ସହିତ ୧୪,୬୮୮ ଜଣ ଗିରଫ ହୋଇଛନ୍ତି । ସେହିଭଳି ଏହି ସମୟରେ ୫,୩୧,୩୮୯ ଲିଟର କାରଖାନା ତିଆରି ଦେଶୀ ମଦ, ୬୦,୩୯,୬୮୦ ଲିଟର ମଦ ପ୍ରସ୍ତୁତ ସାମଗ୍ରୀ, ୧୦,୯୩୦ ବୋତଲ ବିୟର, ୫୬୫୭ କିଲୋ ଭାଙ୍ଗ, ୪୧୭୭ ଲିଟର ଦେଶୀ ମଦ, ୯୪୨୪ ଲିଟର ମହୁଲି ମଦ ଓ ୮୧ ଲିଟର ଟିକସ ଫାଙ୍କି ବିଦେଶୀ ମଦ ଜବତ ହୋଇଛି । ଏଥି ସହିତ ୭୬୫ଟି ବିଭିନ୍ନ କିସମର ଗାଡିମୋଟରକୁ ଅବକାରୀ ଅଧିକାରୀମାନେ ଜବତ କରିଛନ୍ତି । ଗତବର୍ଷ ଏହି ସମୟରେ ୬୫୯ଟି ଗାଡିମୋଟର ଜବତ ହୋଇଥିଲା । ଭାଙ୍ଗ ଜବତ ପରିମାଣ ଗତବର୍ଷ ତୁଳନାରେ ୩୫୦ ପ୍ରତିଶତ ବଢିଥିବା ଜଣାଯାଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ୫୮୩ଟି ଏନଡିପିଏସ ମାମଲା ରୁଜୁ ହୋଇଛି ଯାହାକି ପୂର୍ବବର୍ଷର ଏହି ସମୟ ତୁଳନାରେ ୨୩୫ ପ୍ରତିଶତ ଅଧିକ । ଗତ ଆର୍ଥିକ ବର୍ଷର ମଇ ରୁ ଜୁଲାଇ ମଧ୍ୟରେ ମାତ୍ର ୧୭୪ଟି ଏନଡିପିଏସ ମାମଲା ରୁଜୁ ହୋଇଥିଲା । ସେହିଭଳି ଗିରଫଦାରୀ ସଂଖ୍ୟା ୬୬୬ ରହିଛି ଯାହାକି ପୂର୍ବବର୍ଷ ତୁଳନାରେ ୨୦୮ ପ୍ରତିଶତ ଅଧିକ । ଗତବର୍ଷ ଏହି ସମୟରେ ଏନଡିପିଏସ ମାମଲାରେ ୨୧୬ଜଣ ଗିରଫ ହୋଇଥିଲେ । ଚଳିତବର୍ଷ ମଇରୁ ଜୁଲାଇ ମଧ୍ୟରେ ଅବକାରୀ ବିଭାଗ ୧୨,୭୧୦ କିଲୋ ଗଞ୍ଜେଇ, ୬୨୧୪ ଗ୍ରାମ ବ୍ରାଉନସୁଗାର ଓ ୩୨୦ ଲିଟର କଫ ସିରପ ଜବତ ହୋଇଛି ।

## ପ୍ରକାଶ ପାଇଲା ଯୁକ୍ତ ୨ କଟ୍ ଅଫ୍ ତାଲିକା : ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା, କଳାରେ କୃଷ୍ଣପ୍ରସାଦ ଆଗରେ

ଭୁବନେଶ୍ୱର, ୧୭।୮(ପି.ଏନ): ଯୁକ୍ତ ୨ ନାମଲେଖା ପାଇଁ ବୁଧବାର ଅପରାହ୍ନରେ କଟ୍‌ଅଫ୍ ମାର୍କ ତାଲିକା ପ୍ରକାଶ ପାଇଛି । ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଜୁନିୟର କଲେଜ ଆଗରେ ରହିଥିବା ବେଳେ କଳାରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ କଣ୍ଡାଖାଇ ହାୟର ସେକେଣ୍ଡାରୀ ସ୍କୁଲ ଶୀର୍ଷରେ ରହିଛି । ୧୯ ତାରିଖରୁ ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ । ସୂଚନା ଅନୁଯାୟୀ ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୪.୩୩% ସହ ରେଭେନ୍ସା ଜୁନିଅର ମହାବିଦ୍ୟାଳୟ ଶୀର୍ଷରେ ରହିଛି । ୯୩.୨୦% ମାର୍କ ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଓ ୯୩% କଟଅଫ୍ ସହ ଭୁବନେଶ୍ୱର ବିଜେବି କଲେଜ ତୃତୀୟ ସ୍ଥାନରେ ଥିବା ଜଣାପଡ଼ିଛି ।

## କେନ୍ଦ୍ର କ୍ୟାବିନେଟ ମଞ୍ଜୁରି : ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧି କୃଷି ଋଣ ଉପରେ ମିଳିବ ବାର୍ଷିକ ୧.୫ ପ୍ରତିଶତ ସୁଧ ରିହାତି

ନୂଆଦିଲ୍ଲୀ, ୧୭।୮(ପି.ଏନ): ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧିର କୃଷି ଋଣ ଉପରେ ବାର୍ଷିକ ୧.୫ ପ୍ରତିଶତ ସୁଧ ରିହାତି ଯୋଗାଇ ଦେବେ କେନ୍ଦ୍ର ସରକାର । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ସବୁ ଋଣ ଲଗାଣକାରୀ ସଂସ୍ଥା ପାଇଁ ୧.୫ ପ୍ରତିଶତ ସୁଧ ରିହାତି ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ତେଣୁ ସବୁ ଋଣ ଲଗାଣକାରୀ ଆର୍ଥିକ ସଂସ୍ଥା ଯଥା: ସରକାରୀ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ, ଆଂଚଳିକ ଗ୍ରାମୀଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ବାଣିଜ୍ୟିକ ବ୍ୟାଙ୍କମାନଙ୍କ ସହ ସିଧାସଳଖ ଯୋଡ଼ି ହୋଇଥିବା କମ୍ପ୍ୟୁଟରୀକୃତ ପ୍ରାଥମିକ କୃଷି ସମିତିମାନଙ୍କୁ ବାର୍ଷିକ ଦେଢ଼ ପ୍ରତିଶତ ସୁଧ ରିହାତି ମିଳିବ । ଆର୍ଥିକ ଋଣ ଲଗାଣକାରୀ ସଂସ୍ଥାମାନେ ଏହି ଦେଢ଼ ପ୍ରତିଶତ ସୁଧ ରିହାତି ସୁବିଧା ଚାଷୀମାନଙ୍କୁ ଯୋଗାଇ ଦେବେ । ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧି ବିଶିଷ୍ଟ କୃଷି ଋଣ ଉପରେ ଏହି ରିହାତି ସୁବିଧା ମିଳିବ । ସୁଧ ଛାଡ଼ ସୁବିଧା ନିମନ୍ତେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୩୪ ହଜାର ୮୫୬ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିପାଇଁ ଅତିରିକ୍ତ ବଜେଟ୍ ବ୍ୟବସ୍ଥା କରାଯାଇଛି ।ସୁଧ ରିହାତିରେ ବୃଦ୍ଧି କାରଣରୁ କୃଷି ଋଣ ଯୋଗାଣରେ ସ୍ଥିରତା ସୁନିଶ୍ଚିତ ହେବ । ଋଣପ୍ରଦାନକାରୀ ସଂସ୍ଥା, ବିଶେଷ କରି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବ ଏବଂ ଅଧିକ ଋଣ ଦେବାକୁ ସେମାନେ ସକ୍ଷମ ହୋଇପାରିବେ । ଏହା ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଯଥେଷ୍ଟ କୃଷି ଋଣ ଉପଲବ୍ଧ କରାଇବ ।ପାଣ୍ଠି ବାବଦ ଖର୍ଚ୍ଚରେ ବୃଦ୍ଧିକୁ ସହ୍ୟ କରିବାରେ ବ୍ୟାଙ୍କମାନେ ସକ୍ଷମ ହେବେ ଏବଂ କୃଷକମାନଙ୍କୁ ସେମାନଙ୍କର କୃଷି ଆବଶ୍ୟକତା ପାଇଁ ଋଣ ପ୍ରଦାନ କରିପାରିବେ । ଏହାଦ୍ୱାରା ଅଧିକରୁ ଅଧିକ ଚାଷୀ ଋଣର ଲାଭ ପାଇପାରିବେ । ଏହାବ୍ୟତୀତ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟତା ମିଳିବ । କାରଣ ସ୍ୱଳ୍ପ ଅବଧି କୃଷି ଋଣ ପଶୁପାଳନ, କୁକ୍କୁଟ ପାଳନ, ମତ୍ସ୍ୟ ପାଳନ ସମେତ ସବୁ କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟରେ ସହାୟତା ପାଇଁ ପ୍ରଦାନ କରାଯାଇଥାଏ ।ଚାଷୀମାନେ ବାର୍ଷିକ ୪% ସୁଧ ହାରରେ ସ୍ୱଳ୍ପକାଳୀନ କୃଷି ଋଣ ନେବା ଜାରି ରଖିପାରିବେ ଏବଂ ଠିକ୍ ? ସମୟରେ ଋଣ ପରିଶୋଧ ନିମନ୍ତେ ସକ୍ଷମ ହେବେ ।

## ବେହାଲ ରାଜଧାନୀବାସୀ ! ବହିଲା ଆଣ୍ଠୁଏ ଉଚ୍ଚର ପାଣି

ଭୁବନେଶ୍ୱର ,୧୭।୮(ପି.ଏନ): ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି । ବୁଡିଛି ଯାଇଛି କାର୍ । ଚକାଚକ୍ ଘର ଭିତରେ ପଶିଛି ପାଣି । ଜଳବନ୍ଦୀ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରିଛନ୍ତି ଅଗ୍ନିଶମ କର୍ମଚାରୀ । ଏ ଚିତ୍ର କେଉଁ ଉପାନ୍ତ ଅଞ୍ଚଳ ନୁହେଁ । ଇଏ ହେଉଛି ରାଜଧାନୀ ଭୁବନେଶ୍ୱରର ବିକଳ ଚିତ୍ର ! ଯେଉଁଠି ରହିଛି ଶାସନତନ୍ତ୍ର ମୁଖ୍ୟାଳୟ । ଆଉ ରହୁଛନ୍ତି ବହୁ ଧୋବ ଧବଳିଆ ବାବୁ ଓ ବାବୁଆଣୀ । ଯାହାଙ୍କ ନିର୍ଦ୍ଦେଶରେ ଚାଲେ ରାଜ୍ୟର ଶାସନ । ହେଲେ ସେମାନଙ୍କ ଆଖି ଆଗରେ ଆଜି ବୁଡିଛି ରାଜଧାନୀ ଉପକଣ୍ଠ ରାସ୍ତାଘାଟ୍ । ଜଳବନ୍ଦୀ ଜୀବନ କାଟୁଛନ୍ତି ସହରୀବାସୀ ।ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ହୋଇଛି ରାଜଧାନୀ ଭୁବନେଶ୍ୱର ! ସୁନ୍ଦରପଦା, କୁଆ, କଣ୍ଟିଲୋ, ବାଲିପାଟଣା, ଧଉଳି ଅଞ୍ଚଳରେ ପଶିଛି ଦୟା ନଦୀର ପଛୁଆ ପାଣି । କଣ୍ଟିଲୋ ଅଞ୍ଚଳରେ ସ୍ଥିତି ଅଧିକ



ଖରାପ ହୋଇଛି । ଗାଁରେ ଅଣ୍ଟାଏ ଉପରେ ପାଣି ପ୍ରବାହିତ ହେଉଛି । ସୋମବାର ରାତିରେ ବନ୍ୟା ପାଣି ପଶିବା ଆରମ୍ଭ କରିଥିଲା । ଆଜି ପର୍ଯ୍ୟନ୍ତ ଲୋକମାନେ ଜଳବନ୍ଦୀ ଜୀବନ କାଟୁଛନ୍ତି । ଯାହା ରଖିଥିଲେ ଖାଉଛନ୍ତି, ବିଜୁଳି କାଟି ଦିଆଯାଇଥିବାରୁ ପିଇବା ପାଣି ନାହିଁ । ଫଳରେ ଉପାୟ ନ ପାଇ କେତେକ ଲୋକ ଘର ଛାଡି ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି । କିଛି ଅଞ୍ଚଳରେ ପାଣି ଅଧିକ ଥିବାରୁ ଲୋକଙ୍କୁ ଉଦ୍ଧାର କରିଛି ଅଗ୍ନିଶମ କର୍ମଚାରୀ ।ବର୍ଷା ହେଲେ ରାଜଧାନୀ ଭୁବନେଶ୍ୱର ଚିତ୍ର ଏମିତି କହିଁକି ହୁଏ ? ଏହାକୁ ନେଇ ତର୍ଜମା ଚାଲିଥିବା ବେଳେ ବିନା ପ୍ଲାନରେ କୋଠାବାଡି ନିର୍ମାଣ, ଜବରଦଖଲ, ଭୁଲ ଡ୍ରେନେଜ ବ୍ୟବସ୍ଥା ଓ ରାସ୍ତା ଉଚ୍ଚତାଠୁ ଯଥେଷ୍ଟ ତଳେ ବା ଖାଲୁଆ ଅଞ୍ଚଳରେ ଘର ନିର୍ମାଣ ଏହାର ପ୍ରମୁଖ କାରଣ ବୋଲି କହିଛନ୍ତି ଟାଉନପ୍ଲାନର । ପ୍ରାକୃତିକ ଜଳାଶୟର ଜବରଦଖଲ ଓ ଜଳର ଗତିପଥକୁ ଅବରୋଧ ଯୋଗୁ ଏପରି ହେଉଥିବା ଆଲୋଚନା ହେଉଛି ।

# ବନ୍ୟା ନିୟନ୍ତ୍ରଣ କାହିଁକି କରିପାରୁନି ହୀରାକୁଦ ?

ଭୁବନେଶ୍ୱର,୧୭।୮(ପି.ଏନ): ବନ୍ୟା ଦେଇଯାଉଛି ଅସରନ୍ତି ଦୁଃଖ । ପ୍ରତିବର୍ଷ ଏଥିନିମନ୍ତେ ବହୁ ଲୋକ ଦହଗଞ୍ଜ ହେଉଛନ୍ତି । ନଦୀ ବନ୍ଧ ଭାଙ୍ଗୁଛି । ରାସ୍ତା ଧୋଇଯାଉଛି । ଲୋକେ ଚାଷବାସ ହରାଉଛନ୍ତି । ସରକାର ବନ୍ୟା ନିୟନ୍ତ୍ରଣରେ ଫେଲ୍ ହେଉଛନ୍ତି । କାହିଁକି ବନ୍ୟା ନିୟନ୍ତ୍ରଣରେ ସଂପୂର୍ଣ୍ଣ ସମର୍ଥ ହେଉନି ହୀରାକୁଦ ଡ୍ୟାମ୍ । ପଟୁମାଟିରେ ଜଳଭଣ୍ଡାର ପୋତି ହୋଇଯିବାର ଏହାର କାରଣ ନା ଉପରମୁଣ୍ଡରେ ଛତିଶଗଡ଼ର ବ୍ୟାରେଜ ନିର୍ମାଣ କରିବା ଏହାର କାରଣ । ହୀରାକୁଦ ଡ୍ୟାମ୍‌ର ଜଳଧାରଣ କ୍ଷମତା ଠିକ୍ ରହୁଛି ନା ନାହିଁ । ରୁଲ୍ କର୍ଭରେ ସଂଶୋଧନ ନହେବା ଯୋଗୁଁ ବନ୍ୟା ପରିଚାଳନାରେ ସମସ୍ୟା ହେଉଛି କି । ନା ହୀରାକୁଦ ତଳମୁଣ୍ଡରେ ବନ୍ୟା ପାଣି ନିୟନ୍ତ୍ରଣ ଲାଗି କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ସ୍ଥିତି ଗୁରୁତର ହେଉଛି । ରାଜ୍ୟ ସରକାର ଏ ବାବଦରେ ଚୁପ୍ । ହେଲେ ପ୍ରତିବର୍ଷ କୋଟି କୋଟି ଟଙ୍କା ବନ୍ୟା ନିୟନ୍ତ୍ରଣ ନାମରେ ଖର୍ଚ୍ଚ ହେଉଛି ।ହୀରାକୁଦ ଡ୍ୟାମ୍ କାର୍ଯ୍ୟକ୍ଷମ ହେବାର ୬୪ ବର୍ଷ ପୂରିଥିବାରୁ ଏତେ ପୁରୁଣା ବନ୍ଧର ସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣ ନେଇ ଠୋସ୍ ପଦକ୍ଷେପ ନିଆଯିବା ଜରୁରୀ ହୋଇପଡ଼ିଛି । ୧୯୬୨ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ହୀରାକୁଦ ଡ୍ୟାମ୍ ପରେ ତଳମୁଣ୍ଡରେ ଆଉ ବନ୍ୟା ନିୟନ୍ତ୍ରଣ ଲାଗି କୌଣସି ବ୍ୟବସ୍ଥା ନଥିବାରୁ ଜଳଗମ୍ନ ହେଉଛି କି ତଳି ଅଞ୍ଚଳ ଡ୍ୟାମ୍ ତଳମୁଣ୍ଡରେ ୭ଟି ବ୍ୟାରେଜ୍ ନିର୍ମାଣ ପାଇଁ ଯୋଜନା କରିଥିଲେ ରାଜ୍ୟ ସରକାର । ହେଲେ ଏପର୍ଯ୍ୟନ୍ତ ଗୋଟିଏ ବି କାର୍ଯ୍ୟକାରୀ ହୋଇନାହିଁ । ଫଳରେ ମହାନଦୀ ଉପରମୁଣ୍ଡରେ ବର୍ଷା ହେଲେ ପ୍ରତିଥର ତଳମୁଣ୍ଡରେ ଥିବା ଜିଲ୍ଲାବାସୀଙ୍କୁ ବନ୍ୟା କଷ୍ଟ ଭୋଗିବାକୁ ପଡୁଛି ।ଛତିଶଗଡ ଓ ଓଡିଶାରେ ପ୍ରବଳ ବର୍ଷା ହେବା ପରେ ସୃଷ୍ଟି ହୋଇଛି ବନ୍ୟା ସ୍ଥିତି । ହୀରାକୁଦ ଜଳଭଣ୍ଡାର ପଛୁଆ ପାଣିରେ ବରଗଡ ଜିଲ୍ଲାର ଅନେକ ଗାଁରେ ପାଣି ପଶିଥିବା ବେଳେ ତଳମୁଣ୍ଡରେ ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନଗୁଳ, ନୟାଗଡ, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରପଡା, ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳଗମ୍ନ



ହୋଇଛି ।ପୂର୍ବରୁ ୧୯୮୨, ୨୦୦୧, ୨୦୦୬, ୨୦୦୮, ୨୦୧୧, ୨୦୨୦ରେ ମହାନଦୀ ଅବବାହିକାରେରେ ବି ବଡ ବନ୍ୟା ଆସିଥିଲା । ଏଥର କମ୍ ପାଣି ଆସିଥିଲେ ବି ସ୍ଥିତି ଅଧିକ ଜଟିଳ ହୋଇଛି । ତେବେ ଏନେଇ ରାଜ୍ୟ ସରକାର କିମ୍ବା ଜଳସଂପଦ ବିଭାଗ ନିକଟରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ ।ତେଣେ ହୀରାକୁଦ ମାଟିବନ୍ଧକୁ ୬୪ ବର୍ଷ ପୂରିଲାଣି । ଏହାସତ୍ତ୍ୱେ ତଳି ଅଞ୍ଚଳକୁ ବଢିରୁ ବଞ୍ଚାଇବାକୁ ଯାଇ ଅନେକ ସମୟରେ ଜଳଭଣ୍ଡାରରେ ଅଧିକ ଜଳ ରଖିବାକୁ ପଡୁଛି । ଯେମିତିକି ଏଥର ୬୨୭ ଫୁଟ ଜଳ ରଖିବାକୁ ପଡିଛି । ଯାହାକି ସାଂଘାତିକ ସ୍ଥିତି ସୃଷ୍ଟି କରିବା ଆଶଙ୍କା ବି ରହିଛି । ତେଣୁ ବର୍ଷା ଦିନେ ବନ୍ୟା ଜଳର ସ୍ଥିତି ସଂପର୍କରେ ଜାଣିବା ପାଇଁ ଡ୍ୟାମର ଉପର ମୁଣ୍ଡରେ ଗେଜ୍ ଷ୍ଟେସନ୍ ପ୍ରତିଷ୍ଠାର ଆବଶ୍ୟକତା ଥିବା କୁହାଯାଉଛି ।ମହାନଦୀ ବନ୍ୟା ପରିଚାଳନାରେ ଅନେକ ସମୟରେ ମାନବୀୟ ତ୍ରୁଟି ବି ନଜରକୁ ଆସୁଛି । ରୁଲ୍ କର୍ଭରେ ସଂଶୋଧନ ହୋଇନଥିବାରୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହେଉଛି । କେଉଁ ସମୟରେ ଡ୍ୟାମରେ କେତେ ପାଣି ରହିବ ତାହା ରୁଲ୍ କର୍ଭ ଅନୁସାରେ ହିଁ ହୋଇଥାଏ । ତେବେ ଭୌଗଳିକ ସ୍ଥିତି ଓ ବର୍ଷା ପାଟର୍ଣ୍ଣରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ୧୯୮୮ରୁ ରୁଲ୍ କର୍ଭରେ ସଂଶୋଧନ କରାଯାଇନି । ଫଳରେ ବନ୍ୟା ପରିଚାଳନାରେ ଅସୁବିଧା ହେଉଥିବା କୁହାଯାଉଛି ।ଜଳସଂପଦ ବିଭାଗ ଅବସରପ୍ରାପ୍ତ ମୁଖ୍ୟମନ୍ତ୍ରୀ ଯଶୋବନ୍ତ ପରିଡ଼ା କହିଛନ୍ତି, ହୀରାକୁଦ ଡ୍ୟାମ୍ ?ରେ ପଟୁ ମାଟି ଜମିବା ବନ୍ୟାର ଏକ କାରଣ ହୋଇଛି । ଏହାର ପ୍ରତିକାର କରିବା ଜରୁରୀ ।ଏନେଇ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର କହିଛନ୍ତି, ହୀରାକୁଦ ଡ୍ୟାମ୍ ପୋତିହେବା ନେଇ ସର୍ଭଚାଲିଛି । ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ । ତେବେ ଏହା ବନ୍ୟା ଜଳ ନିୟନ୍ତ୍ରଣରେ କୌଣସି ପ୍ରଭାବ ପକାଇବନି ।ହୀରାକୁଦ ଡ୍ୟାମ୍ ସର୍ବୋଚ୍ଚ ଯନ୍ତ୍ରୀ ଆନନ୍ଦ ସାହୁ କହିଛନ୍ତି, ୩୫ ବର୍ଷ ତଳେ ହୀରାକୁଦର ଯାହା ସ୍ଥିତି ଥିଲା, ତାହା ଏବେ ନାହିଁ । ତେଣୁ ରୁଲ୍ କର୍ଭରେ ସଂଶୋଧନ ଆବଶ୍ୟକ ରହିଛି । ଏନେଇ ସେ ମଧ୍ୟ ସରକାରଙ୍କୁ ଜଣାଇଛନ୍ତି ।

## ୧୯ରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୧୭।୮(ପି.ଏନ): ଦକ୍ଷିଣ ମିଆଁମାର ଏବଂ ପାର୍ଶ୍ୱବର୍ତୀ ଅଂଚଳ ଉପରେ ବାୟୁମଣ୍ଡଳରେ ୫.୮କିମି ଯାଏଁ ଗୋଟିଏ ଘୁର୍ଣ୍ଣି ବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଅଗଷ୍ଟ ୧୯ ତାରିଖ ପାଖାପାଖି ଉତର ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ଆସନ୍ତାକାଲି ଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢିବ । ୧୯ ଓ ୨୦ ତାରିଖରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଢେଙ୍କାନାଳ , ସୁନ୍ଦରଗଡ , ଦେବଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କେନ୍ଦୁଝର , ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର ଓ କଟକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୮ ରୁ ୧୯ ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ , ଗଂଜାମ , ଗଜପତି , ସୁନ୍ଦରଗଡ, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାକୁ ହଳଦିଆ ଚେତାବନୀ ବା ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ରହିଛି । ଏହି ମନ୍ଦିର ସେଠାରେ ଥିବା

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୧୮

# ଲୀଳାବତାରଙ୍କ ଧରାବତରଣ





ଦ୍ୱାପର ଯୁଗର ଅନ୍ତିମ କାଳ ବଡ଼ ଭୟାନକ ଥିଲା। କଂସ, ଦୁର୍ଯ୍ୟୋଧନ, ଜରାସନ୍ଧ, ଜୟଦ୍ରଥ ଭଳି ଦୁଷ୍ଟ ରାଜାମାନେ ଧରାକୁ ସରା ମଣିଲେ। ବିଷ୍ଣୁଙ୍କର ଅମୋଘ ଶକ୍ତି ପ୍ରତି ହେୟଜ୍ଞାନ କଲେ। ଧର୍ମ ଅଧର୍ମ ମାନିଲେ ନାହିଁ। ସେମାନଙ୍କ ଅତ୍ୟାଚାରରେ ପ୍ରଜାଗଣ ତ୍ରାହି ତ୍ରାହି ଡାକ ଛାଡ଼ିଲେ। ଏପରି ଉତ୍ପାତ ଭୂମାତା ସହି ପାରିଲେ ନାହିଁ। ବ୍ରହ୍ମାଙ୍କ ନିକଟରେ ପହଞ୍ଚି କାକୁସ୍ତ କଣ୍ଠରେ କହିଲେ-ହେ'ବ୍ରହ୍ମଦେବ, ପ୍ରଭୁ ଶ୍ରୀରାମଙ୍କ ଲୀଳା ସମ୍ବରଣ ପରେ ପୁନଃଶ୍ଚ ବିଧର୍ମୀମାନଙ୍କର ଆବିର୍ଭାବ ଘଟିଛି। ସେମାନଙ୍କର କ୍ରୁର ଆଚରଣ ଆମ୍ଭଙ୍କୁ ଯନ୍ତ୍ରଣା ଜର୍ଜରିତ କରିଛି। ଏପରି ଭୟାନକ ସଂକଟରୁ ଆମ୍ଭଙ୍କୁ ରକ୍ଷାକର ବ୍ରହ୍ମନ୍! ଧରଣୀ ମାତାଙ୍କ ଦୁଃଖ ଶ୍ରବଣ କରି ତପସ୍ୱୀ ବ୍ରହ୍ମା ଚିନ୍ତିତ ହୋଇ ପଡ଼ିଲେ। ଦେବସଭା ଡକାଇ ଇନ୍ଦ୍ରାଦି ଦେବଗଣଙ୍କ ମତାମତ ଲୋଡ଼ିଲେ। ଇନ୍ଦ୍ରଦେବ କହିଲେ ବିଷ୍ଣୁଙ୍କ ବ୍ୟତୀତ ଦୁଷ୍ଟମାନଙ୍କୁ ସଂହାର କରିବା ଆମ୍ଭ ପକ୍ଷେ ସମ୍ଭବ ନୁହେଁ। ନିଷ୍ପତ୍ତି କ୍ରମେ ବ୍ରହ୍ମାଙ୍କ ସହିତେ ଦେବଗଣ କ୍ଷୀରସମୁଦ୍ର ତଟରେ ପହଞ୍ଚି ଅନନ୍ତଶାୟୀ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ସ୍ତୁତି ବଚନ ଶ୍ରବଣ କରି ଯୋଗେଶ୍ୱର ଶ୍ରୀହରି ଚକ୍ଷୁ ଖୋଲିଲେ। ବ୍ରହ୍ମାଙ୍କ ମୁଖରୁ ପ୍ରାଣୀଙ୍କର ଦୁଃଖ କଥା ଶୁଣି ମୌନ ରହିଲେ। କିଛି କ୍ଷଣ ପରେ ସାନ୍ତ୍ୱନା ବାଣୀରେ କହିଲେ-ହେ'ବ୍ରହ୍ମା, ତୁମ୍ଭେ ଯେଉଁ ସମ୍ବାଦ ଶୁଣାଇଲ ତାହା ସତ୍ୟ। ବିଧର୍ମୀମାନଙ୍କର ଅନ୍ୟାୟ ଅତ୍ୟାଚାର ବୃଦ୍ଧି ପାଇବାରୁ ଧରଣୀ ମାତା କଷ୍ଟ ପାଉଛନ୍ତି। ଏବେ ଆମ୍ଭର ଅଷ୍ଟମ ଅବତାରକୁ ପ୍ରତୀକ୍ଷା କର। ଦେବକୀ ବସୁଦେବ ଆମ୍ଭର ପରମ ଭକ୍ତ। କଂସର ଅନ୍ଧକାର ବନ୍ଦୀଗୃହରୁ ଆମ୍ଭଙ୍କୁ ଆର୍ତ୍ତରେ ଡାକୁଛନ୍ତି। ବିଗତ ଜନ୍ମରେ ଦେବକୀ ଘୋର ତପସ୍ୟା କରି ଆମ୍ଭଙ୍କୁ ପୁତ୍ର ଭାବରେ ପାଇବା ପାଇଁ ଅଳି କରିଥିଲେ। ଭବିଷ୍ୟତରେ କେବେ ଧରା ପୃଷ୍ଠକୁ ଅବତରୀଲେ ତାଙ୍କରି କୋଳରେ ପୁତ୍ର ରୂପେ ପ୍ରକଟ ହେବା ପାଇଁ ବର ଯାଚି ଦେଇଥିଲୁ। ତୁମ୍ଭେ ବିଧି ବ୍ୟବସ୍ଥା କର। ଆମ୍ଭେ ଅତିଶୀଘ୍ର ଦେବକୀଙ୍କ କୋଳମଣ୍ଡନ କରି ପୀଡ଼ିତ ପ୍ରଜାଗଣଙ୍କୁ ସଂକଟରୁ ଉଦ୍ଧାର କରିବୁ। ପ୍ରଭୁଙ୍କ ନିର୍ଦ୍ଦେଶରେ ବ୍ରହ୍ମଦେବ ଯଥା ବିଧି ବନ୍ଦୋବସ୍ତ କଲେ। ତିଥି, ବେଳା, ନକ୍ଷତ୍ର ଗଣନା କରି ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ରାତ୍ର ଦ୍ୱିତୀୟ ପ୍ରହର ମାହେନ୍ଦ୍ର ବେଳାରେ ପ୍ରକଟ ହେବା ନିମନ୍ତେ ବିଷ୍ଣୁଙ୍କୁ ନିବେଦନ କଲେ।

ଭୋଜବଂଶୀୟ କଂସ, ଜରାସନ୍ଧ ଆଦି ରାଜାମାନେ ବେଦନୀତିକୁ ଭୃକ୍ଷେପ ନ କରି ଇଚ୍ଛାମତେ ଶାସନ କରୁଥିଲେ। ଦେବକୀଙ୍କ ବିବାହ କାଳରେ ଦେବଗଣ ଶୂନ୍ୟରୁ କଂସକୁ ସୂଚାଇ ଦେଲେ ତୁମ୍ଭର ମୃତ୍ୟୁ ସନ୍ନିକଟ। ଭଉଣୀଙ୍କର ଅଷ୍ଟମ ଗର୍ଭ ସନ୍ତାନ ତୁମ୍ଭଙ୍କୁ ବଧ କରିବ। ଏପରି ଶୂନ୍ୟ ବାଣୀ ଶ୍ରବଣ କରି କଂସ ଚିନ୍ତିତ ହୋଇ ପଡ଼ିଲେ। ଜନ୍ମିତ ସନ୍ତାନଙ୍କୁ ମାରିବା ନିମନ୍ତେ ଭଉଣୀ ଭିଣୋଇଙ୍କୁ ବନ୍ଦୀଗୃହରେ ରଖାଇଲେ। କଂସର ବନ୍ଦୀଗୃହରେ ଦୁଃଖଦ ଜୀବନ ବିତାଉଥିବା ଦେବକୀ ବସୁଦେବ କାକୁସ୍ତ କଣ୍ଠରେ ଡାକ ଛାଡ଼ିଥିଲେ-ହେ'ନାରାୟଣ! ଆମ୍ଭେ ନିର୍ଦ୍ଦୋଷୀ। ଇତିପୂର୍ବେ ସାତ ଜଣ ଅଜ୍ଞାନ ଶିଶୁଙ୍କୁ କଂସ ହତ୍ୟା କରିଛି। ଅଷ୍ଟମ ଗର୍ଭରେ କିଭଳି ସନ୍ତାନ ଜନ୍ମ ନେବ ଆମ୍ଭେ ଜାଣି ନାହୁଁ। ସେହି ସନ୍ତାନ ପାଇଁ ମଥୁରାରେ କୋଳାହଳ ପଡ଼ିଛି। ଦଶମାସ ଦଶଦିନ ଉପନିତ। ଆମ୍ଭ ଅଷ୍ଟମ ଗର୍ଭ ସନ୍ତାନକୁ ରକ୍ଷାକର ମହାପ୍ରଭୁ! ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିର ରାତ୍ର ଦ୍ୱିତୀୟ ପ୍ରହର। ମଥୁରାବାସୀଙ୍କ ପଥରୋଧ ନିମନ୍ତେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଇନ୍ଦ୍ରଦେବ ମୂଷଳ ଧାରାରେ ବର୍ଷିଲେ। ବିଜୁଳିର ତେଜ ଓ ଅବିରତ ବର୍ଷାରେ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଗଲା। ସହସା ସହସ୍ର ସୂର୍ଯ୍ୟଙ୍କ ତେଜ ଧରି ଚତୁର୍ଭୁଜ ନାରାୟଣ ଦେବକୀଙ୍କ କୋଳରେ ଆବିର୍ଭାବ ହେଲେ! ବନ୍ଦୀଗୃହ ରଙ୍ଗବେରଙ୍ଗ ଆଲୋକରେ ଝଲ୍‌ସି ଉଠିଲା! ପରମ ଦୟାଳୁ ଶ୍ରୀହରି ମାତାଙ୍କ ମୁଖକୁ ଚାହିଁ ସ୍ମିତ୍‌ହାସ୍ୟରେ କହିଲେ-ହେ'ମାତା, ତୁମ୍ଭ ପୂର୍ବ ଜନ୍ମର ତପସ୍ୟାରୁ ଆମ୍ଭଙ୍କୁ ପୁତ୍ର ରୂପେ ପାଇଲ। ମାତ୍ର ଜଗତ ଜନଙ୍କ ରକ୍ଷା ନିମନ୍ତେ ବିଚ୍ଛେଦର ଦୁଃଖ ସହ୍ୟ କରିବାକୁ ପଡ଼ିବ। କାରାଗାର ରକ୍ଷୀମାନେ ଆମ୍ଭ ମାୟାରେ ନିଦ୍ରାଚ୍ଛନ୍ନ। ମଥୁରାବାସୀ ବର୍ଷା ବିଜୁଳି ତେଜରେ ଭୀତ୍‌ତ୍ରସ୍ତ। ଏହି ମୁହୂର୍ତ୍ତରେ ଆମ୍ଭଙ୍କୁ ଗୋପପୁରର ନନ୍ଦ ରାଣୀ ଯଶୋଦାଙ୍କ କୋଳରେ ଶୁଆଇ ତାଙ୍କ ଗର୍ଭରୁ ଜାତ ବିଜୁଳି କନ୍ୟାକୁ ନେଇ ଆସ।

ପ୍ରଭୁଙ୍କ ନିର୍ଦ୍ଦେଶ ପାଇ ଦେବକୀ ବସୁଦେବ ଚକ୍ଷୁରୁ ଅଶ୍ରୁ ଝରାଇଲେ। ବିଳମ୍ବ ନ କରି ବସୁଦେବ ବନ୍ଦୀଗୃହରେ ପଡ଼ିଥିବା ଖାଦ୍ୟବୁହା ପାଚିଆରେ ପୁତ୍ରକୁ ଶୁଆଇ ଦେଲେ। ପାଚିଆ ମୁଣ୍ଡାଇ ଗୋପପୁର ଅଭିମୁଖେ ପାଦ ଥାପିଲେ। ଅନ୍ଧକାର ବର୍ଷା ରାତ୍ରି ସାଙ୍ଗକୁ ବିଜୁଳିର ଚମକରେ ପରିବେଶ ଗମ୍ଭୀର ହୋଇ ପଡ଼ିଥିଲା। ବସୁଦେବ ଚତୁର୍ଦ୍ଦିଗକୁ ଆଖି ପକାଇ ସନ୍ତର୍ପଣରେ ବାଟ ଚାଲୁଥିଲେ। ବର୍ଷା ଜଳରେ ଭିଜୁଥିବା ଆଦି ଗୋସାଇଁଙ୍କୁ ଅନନ୍ତ ନାଗ ଫଣା ଟେକି ରକ୍ଷା କଲେ। ପଛରୁ ଶୁଭିଲା କାହାର ଧମକପୂର୍ଣ୍ଣ ସ୍ୱର। କିଏ ତୁ ଚୋର କି ତସ୍କର, ସେଇଠି ରହ। ବର୍ଷା ରାତ୍ରିରେ କ'ଣ ସବୁ ଚୋରାଇ ନେଇ ପଳାଉଛୁ। ବସୁଦେବ ଭୟରେ ଅଟକି ଗଲେ। ନିକଟରୁ ଦେଖିଲେ ଶ୍ୱଶୁର ଉଗ୍ରସେନ। ଯାହାଙ୍କୁ ସିଂହାସନରୁ ହଟାଇ ଅତ୍ୟାଚାରୀ କଂସ ଚୌକିଦାର କର୍ମରେ ନିଯୁକ୍ତ କରିଛି। ଉଗ୍ରସେନ ପାଚିଆ ଭିତରକୁ ଚାହିଁ ହତବାକ୍ ହୋଇ ପଡ଼ିଲେ। ଚତୁର୍ଭୁଜ ବିଷ୍ଣୁ ଓ ଅନନ୍ତ ନାଗଙ୍କୁ ଦେଖି ବିସ୍ମୟରେ ପ୍ରଣାମ ଜଣାଇଲେ। ଉଗ୍ରସେନ କିଛି କହିବା ପୂର୍ବରୁ ଭଗବାନ କହିଲେ-ହେ'ରାଜା ଉଗ୍ରସେନ, ଜାଗତିକ ସଂପର୍କରେ ତୁମ୍ଭେ ଆମ୍ଭର ପ୍ରପିତା ହେଲ। ଭୋଜବଂଶର ମହାରାଜା ହୋଇ କଟୁଆଳ ଜୀବନ ବିତାଉଛ। ତୁମ୍ଭ ଦୁଃଖ ସବୁଠାରୁ ବଳି ଯାଇଛି। ଦୁଷ୍ଟ କଂସର ବିନାଶ ପରେ ତୁମ୍ଭେ ପୁନର୍ବାର ମଥୁରାର ରାଜା ହେବ। ବିଳମ୍ବ ନ କରି ବାଟ ଛାଡ଼ିଦିଅ। ଉଗ୍ରସେନ କରଯୋଡ଼ି ବାଟ ଛାଡ଼ିଦେଲେ। ବସୁଦେବ ଖିପ୍ର ଗତିରେ ପାଦ ପକାଇ ଯମୁନା ନଦୀ କୂଳରେ ପହଞ୍ଚିଲେ। ଦେଖିଲେ ବର୍ଷା ଜଳରେ ଯମୁନାର ଦୁଇ କୂଳ ଉବୁଟୁବୁ ହୋଇ ପଡ଼ିଛି। ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ଲାବିତ ଯମୁନା ଦୁଇ ଭାଗ ହୋଇଗଲେ। ବସୁଦେବ ନଦୀ ପାର ହୋଇ ଗୋପପୁରରେ ପାଦ ଥାପିଲେ। ଗଭୀର ନିଦ୍ରାରତ ଯଶୋଦାଙ୍କ କୋଳରେ ପୁତ୍ରକୁ ଶୁଆଇ ସଦ୍ୟଜାତ କନ୍ୟାକୁ ଧରି ବନ୍ଦୀଗୃହକୁ ଫେରି ଆସିଲେ। ଅଷ୍ଟମ ଗର୍ଭରେ କନ୍ୟା ଜନ୍ମ ହୋଇଛି ଜାଣି କଂସ ପଥରରେ କଚାଡ଼ି ମାରିଦେଲେ। ଗୋପପୁରରେ ବଢୁଥିବା ଶ୍ରୀକୃଷ୍ଣ କାଳକ୍ରମେ କଂସକୁ ବଧ କଲେ। ଦୁଷ୍ଟମାନଙ୍କୁ ସଂହରି ପୁନଃ ଧର୍ମସଂସ୍ଥାପନା କଲେ। ଆଜିର ତିଥି ହିନ୍ଦୁ ଧର୍ମାଲମ୍ବୀଙ୍କ ନିମନ୍ତେ ଏକ ସ୍ମରଣୀୟ ଦିବସ। ପ୍ରତିଟି ଗୃହରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତିର ସହିତ ଆରାଧନା କଲେ ପ୍ରଭୁଙ୍କ କରୁଣା ଅବଶ୍ୟ ମିଳିଥାଏ। ଜୟ ଶ୍ରୀକୃଷ୍ଣ।

**ଯୋଗୀ ଗଣେଶ୍ୱର,** ମିଶନ ଭାଗବତ,
ଭୁବନେଶ୍ୱର, ମୋ-୯୬୬୮୬୩୧୨୫୭

# ଭାରତୀୟ ରାଜନୀତିରେ ଅଟଳବିହାରୀ ବାଜପେୟୀ

ବିପିନବିହାରୀ ମହାନ୍ତି

ବିଭିନ୍ନ ଯୁଗରେ ଦୁଷ୍ଟନାଶୀ ସନ୍ଥମାନଙ୍କ ପାଳନ ପାଇଁ ଏ ଭାରତ ଭୂଖଣ୍ଡେ ଭଗବାନ ଅବତରିଲା ପରି ଏ ଭାରତ ମାଆ କୋଳରେ ଏମିତି ଯୋଗଜନ୍ମା ମହାପୁରୁଷମାନେ ସମୟାନୁସାରେ ଜନ୍ମନିଅନ୍ତି ଯେଉଁମାନଙ୍କର ଜୀବନ ଜ୍ୟୋତି ସାରା ବିଶ୍ୱକୁ ଆଲୋକିତ କରେ ଏବଂ ଯେଉଁମାନଙ୍କ ପାଇଁ ଭାରତମାଟି ଉଦ୍‌ଭାସିତ ହୋଇଉଠେ; ଯିଏ କେବଳ ନିଜ ପାଇଁ ନୁହେଁ, ସାରା ମାନବ ଜାତି ପାଇଁ ଜିଏଁ ଏବଂ ମରେ । ଏହିପରି ଜଣେ ମହାନ୍ ବିଭୂତି ଥିଲେ ଆମର ପୂଜ୍ୟ ଅଟଳବିହାରୀ ବାଜପେୟୀ । ସେ ୧୯୨୪ ଡିସେମ୍ବର ୨୫ରେ ମଧ୍ୟପ୍ରଦେଶର ଗୋୱାଲିୟରଠାରେ ପିତା କ୍ରିଷ୍ଣା ବିହାରୀ ଓ ମାତା କ୍ରିଷ୍ଣାଦେବୀଙ୍କର ସନ୍ତାନ ଭାବେ ଜନ୍ମ ନେଇଥିଲେ। ପାଠପଢ଼ା ପରେ ଆର୍ଯ୍ୟସମାଜରେ ଯୁବଶାଖା ଜରିଆରେ ସେ ସାମାଜିକ କାର୍ଯ୍ୟ ଆରମ୍ଭ କଲେ । ୧୯୩୯ରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗଦେଲେ । ବାବାସାହେବ ଆପ୍‌ଟେଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସଂଘର ଅଫିସରେ ସେ ତାଲିମ ଲାଭ କଲେ। ୧୯୪୭ରେ ସଂଘର ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ଯୋଗଦେଲେ। ୧୯୪୮ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସହ ଭାରତୀୟ ଜନସଂଘରେ କାର୍ଯ୍ୟ କଲେ ଏବଂ ତାଙ୍କ ପରେ ଏହାର ଅଧକ୍ଷ ହେଲେ। ୧୯୭୭ରେ ଜୟପ୍ରକାଶ ନାରାୟଣଙ୍କ ଜନତାପାର୍ଟିର ଜନସଂଘର ବିଲୟ ହେଲା। ଏହାପରେ ବିଜେପି ଜନ୍ମ ନେଲା। ସେ ଏହି ବିଜେପିରେ ପରବର୍ତ୍ତୀ ସମୟରେ ହେଲେ ଏହାର ପ୍ରଥମ ଅଧ୍ୟକ୍ଷ । ଜନସେବା ଓ ରାଜନୀତିରେ ନିଜର ଜୀବନକୁ ଉତ୍ସର୍ଗ କରିବାକୁ ଯାଇ ସେ ଅବିବାହିତ ରହିଗଲେ ସାରା ଜୀବନ। ତାଙ୍କର ପରିବାର କହିଲେ ନମିତା ନାମରେ ଗୋଟିଏ ପାଳିତା କନ୍ୟା।

ଅଟଳଜୀ ତାଙ୍କ ରାଜନୀତିକ ଜୀବନରେ ୧୯୫୭ରୁ ୨୦୦୯ ମଧ୍ୟରେ ୧୦ ଥର ସାଂସଦ, ୧୯୬୨ ଓ ୧୯୮୬ରେ ରାଜ୍ୟସଭାକୁ ଦୁଇଥର ମନୋନୀତ ସଦସ୍ୟ ଥିଲେ, ୧୯୭୭ରେ କେନ୍ଦ୍ରରେ ବୈଦେଶିକ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୮୦ରେ ହେଲେ ସେ ବିଜେପିର ଅଧ୍ୟକ୍ଷ । ନେହେରୁଙ୍କ ପରେ ସେ ଥିଲେ ଭାରତର ୩ଥର ପ୍ରଧାନମନ୍ତ୍ରୀ। ୧୯୯୬ରେ ୧୩ ଦିନ ପାଇଁ, ୧୯୯୮ରେ ୧୩ ମାସ ଏବଂ ୧୯୯୯ରେ ପୂର୍ଣ୍ଣକାଳୀନ ୫ ବର୍ଷ ପାଇଁ ସେ ପ୍ରଧାନମନ୍ତ୍ରୀ ଥିଲେ। ୨୦୦୫ରେ ସେ ରାଜନୀତିରୁ ସନ୍ନ୍ୟାସୀ ନେଲେ।

ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ ପାକିସ୍ତାନ ସହ ସଂପର୍କର ଉନ୍ନତି ପାଇଁ ସେ ଦିଲ୍ଲୀରୁ ପାକିସ୍ତାନ-ଲାହୋର ମଧ୍ୟରେ ବସ୍ ସେବା ଆରମ୍ଭ କରିଥିଲେ ଏବଂ ସେ ପ୍ରଥମେ ବସ୍‌ରେ ବସି ଲାହୋର ଯାଇଥିଲେ। ୧୯୯୯ ଫେବୃୟାରୀ ୨୧ରେ ପାକିସ୍ତାନର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ସହ ଲାହୋର ଘୋଷଣାନାମାରେ ସେ ସ୍ୱାକ୍ଷର କରିଥିଲେ। ସେହି ୧୯୯୯ରେ ପାକିସ୍ତାନ ସହ କାର୍‌ଗିଲ ଯୁଦ୍ଧ ହେଲେ ମଧ୍ୟ ସେ ବସ୍ ସେବା ବନ୍ଦ କରିନଥିଲେ। ରାଷ୍ଟ୍ରର ସୁରକ୍ଷା ପାଇଁ ତାଙ୍କର ଅବଦାନ ଥିଲା ଅତୁଳନୀୟ। ୧୯୯୮ ମେ ୨୩ ତାରିଖରେ ପୋଖରାନ୍‌ରେ ପରୀକ୍ଷା କରାଯାଇଥିବା ଅପରେସନ୍ ଶକ୍ତି ଥିଲା ତାଙ୍କର ଏକ ସଫଳତା। ଏହାଦ୍ୱାରା ସେ ସାରା ବିଶ୍ୱରେ ପରମାଣୁସଂପନ୍ନ ରାଷ୍ଟ୍ର ଭାବରେ ଭାରତ ଗଣାହେଲା। ଏହି ପରୀକ୍ଷଣ ଏତେ ଗୁପ୍ତ ଥିଲା ଯେ ଶକ୍ତିଶାଳୀ ଆମେରିକା ମଧ୍ୟ ଏହାର ଟେର୍ ପାଇପାରି ନ ଥିଲା। ସେ ୧୦୦ ବର୍ଷର କାବେରୀ ଜଳବିବାଦର ସମାଧାନ କରିଥିଲେ। ରାଷ୍ଟ୍ରୀୟ ରାଜମାର୍ଗ ଓ ବିମାନବନ୍ଦରର ବିକାଶ, ନୂଆ ଟେଲିକମ୍ ନୀତି ତଥା କୋଙ୍କଣରେ ରେଳବାଇ ଶୁଭାରମ୍ଭ ମାଧ୍ୟମରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲେ। ୧୯୯୯ର କାର୍‌ଗିଲ ଯୁଦ୍ଧ ଓ ୨୦୦୧ର ସଂସଦ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ବାଜପେୟୀଙ୍କ ଅମଳରେ ଘଟିଥିଲେ ମଧ୍ୟ ସେ ଏହାର ସାମ୍‌ନା ଦୃଢ଼ତାର ସହ କରିଥିଲେ। ଏଥିସହ ତାଙ୍କର ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା ପାଇଁ ସେ ଭାରତୀୟମାନଙ୍କ ପାଖରେ ଚିରସ୍ମରଣୀୟ ହୋଇରହିବେ।

ଓଡ଼ିଶା ପ୍ରତି ତାଙ୍କ ଅବଦାନ ମଧ୍ୟ କମ୍ ନୁହେଁ । ବିପଦ ଆପଦ ବେଳେ ସେ ଓଡ଼ିଶାବାସୀଙ୍କ ପାଖରେ ଛିଡା ହୋଇଛନ୍ତି । ୧୯୯୯ ମହାବାତ୍ୟା ବେଳେ ସେ ଓଡ଼ିଶାଆସି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାର ପ୍ରତ୍ୟକ୍ଷ ଅନୁଭୂତି ନେଇ ସେମାନଙ୍କ ପାଇଁ ୩୦୦ କୋଟିର ସହାୟତା ଘୋଷଣା କରିଥିଲେ । ସେହିପରି ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର (ଏମ୍‌ସ୍) ଓ ଭାରତୀୟ ତୈଳ ନିଗମ ବିଶୋଧନାଗାର, ପାରାଦ୍ୱୀପ ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଓଡ଼ିଶା ପ୍ରତି ତାଙ୍କର ବିଶେଷ ଅବଦାନ।

ବାଜପେୟୀଙ୍କ ଅପୂର୍ବ ବାକ୍‌ଚାତୁରୀ, ଆବେଗପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ଦୂରଦୃଷ୍ଟି ପାଇଁ ସେ ବେଶ୍ ଲୋକପ୍ରିୟ ଥିଲେ। ସେ ଜଣେ ଉଚ୍ଚକୋଟୀର କବି। ତାଙ୍କ ରଚିତ ୨୧ଟି ପୁସ୍ତକ ମଧ୍ୟରୁ ୭ଟି ଥିଲା କବିତା ପୁସ୍ତକ।

ତାଙ୍କର କୃତିତ୍ୱ ପାଇଁ ସେ ୧୯୯୨ରେ ପଦ୍ମବିଭୂଷଣ, ୧୯୯୩ରେ କାନପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି, ୧୯୯୪ରେ ଲୋକମାନ୍ୟ ତିଳକ ପୁରସ୍କାର, ସେହି ୧୯୯୪ରେ ସେ ପାର୍ଲାମେଂଟରେ ଥିଲେ ସର୍ବଶ୍ରେଷ୍ଠ ସାଂସଦ, ପୁଣି ସେହି ୧୯୯୪ରେ ଗୋବିନ୍ଦବଲ୍ଲଭ ପନ୍ଥ ପୁରସ୍କାର ପାଇଥିଲେ ଏବଂ ୨୦୧୫ରେ ଭାରତରତ୍ନ ଉପାଧିରେ ଭୂଷିତ ହୋଇଥିଲେ।

## ବାଜପେୟୀଙ୍କ ଦୃଷ୍ଟିରେ ଭାରତ:

ସେ କୁହନ୍ତି- ଭାରତ ଏକ ମହାନ୍ ତୀର୍ଥସ୍ଥାନ ଅଟେ। ଏହାର ପ୍ରତ୍ୟେକ ଧୂଳିକଣା ସ୍ୱର୍ଗଠାରୁ ଅଧିକ । ଭାରତ ଭୂଖଣ୍ଡ କୋଉ ଜମିର ଟୁକୁରା ନୁହେଁ, "ଏହା ଜିତା-ଜାଗତା-ରାଷ୍ଟ୍ରପୁରୁଷ" । ହିମାଳୟ ଏହାର ମସ୍ତକ; ଗିରିଶଙ୍କର ଏହାର ଶିଖା; କାଶ୍ମୀର ଏହାର କିରୀଟ; ପଞ୍ଜାବ ଓ ବଙ୍ଗ ଏହାର ଦୁଇଟି ବିଶାଳ କାନ୍ଧ; ଦିଲ୍ଲୀ ହେଉଛି ଦିଲ୍; ବିନ୍ଧ୍ୟାଂଚଳ ଏହାର କଟି; ନର୍ମଦା ଏହାର ପବିତ୍ର ଧାରା; ପୂର୍ବ ଏବଂ ପଶ୍ଚିମଘାଟ ପର୍ବତ ଏହାର ଦୁଇଟି ବିଶାଳ ଜଂଘ; କନ୍ୟାକୁମାରୀ ଏହାର ଚରଣ; ସାଗରଧୌତ କରେ ଏହାର ପାଦ; ମନ୍ଦ ମରୁତ ଏହାର ବାୟୁ; ସୂର୍ଯ୍ୟ ଓ ଚାନ୍ଦ ଏହରା ଆରତି କରନ୍ତି। ଯୁଗ ଯୁଗ ଧରି ବୁନ୍ଦୁ ବୁନ୍ଦୁ ବର୍ଷା ଏହାର ଗଙ୍ଗାଜଳ । ମୁଁ ବଂଚିବି ତ ଖାସ୍ ଏହାରି ପାଇଁ, ମରିବି ତ ଏହାରି ପାଇଁ। ଏମିତି ଜଣେ ବିଚାରକ ଓ ଚିନ୍ତକ ଥିଲେ ଅଟଳବିହାରୀ।

ସେ କୁହନ୍ତି ଆମର ଏକମାତ୍ର ଦେବ-ଦେବୀ ହେଉଛନ୍ତି ଦେଶବାସୀ। ଏମାନଙ୍କ ପୂଜାର୍ଚ୍ଚନା ହେଉଛି ସଚ୍ଚା ମାନବ। ଆମ ରାଷ୍ଟ୍ରର ଜୀବନର ମୂଳସ୍ରୋତ ହେଉଛି ଆମ ଧର୍ମ। ଯାହାର ଶାଶ୍ୱତ ଆଧାର ଫଳସ୍ୱରୂପ କେତେ କେତେ ବିଦେଶୀଙ୍କ ଆକ୍ରମଣ



ସତ୍ତ୍ୱେ, ଆମ ଆଜି ଦୃଢ଼ତାର ସହ ଛିଡା ହୋଇଛେ। ଆମେ ଏମିତି ଏକ ଦେଶର ସନ୍ତାନ ହେବାରେ ଆମର ଗର୍ବ ଅଛି; ଏହା ଏକ ଅଦ୍‌ଭୂତ ଦେଶ। ଏହି ପୂଣ୍ୟଭୂମିରେ ଯିଏ ପାଦଥାପେ ସେ ବିଦେଶୀ ହେଉ ପଛେ, ସେ ଏହାର ବାୟୁମଣ୍ଡଳରେ ପ୍ରବାହିତ ଆଧାତ୍ମିକ ତରଙ୍ଗ ଦ୍ୱାରା ପ୍ରଭାବିତ ହୋଇଯାଏ ଏବଂ ନିଜକୁ ହିନ୍ଦୁ ବୋଲି ଧରିନିଏ; ଗର୍ବ ଅନୁଭବ କରେ। ହିନ୍ଦୁସ୍ଥାନରେ ରହୁଥିବା ପ୍ରତିଟି ଭାରତୀୟ ହିନ୍ଦୁ ଅଟେ। ହିନ୍ଦୁତ୍ୱ କୋଉ ଜାତି, ଧର୍ମ କି ବର୍ଗର ସଂକୀର୍ଣ୍ଣତାର ଗଣ୍ଡି ଭିତରେ ଆବଦ୍ଧ ହୋଇନାହିଁ। ବରଂ ଏହା ଜୀବନର ଏକ ସନ୍ଦର୍ଭ ଆଦର୍ଶ ଅଟେ; ଏହା ଏକ ଜୀବନ ପଦ୍ଧତି ଅଟେ । ସେ କୁହନ୍ତି ଇଏ ସେହି ପ୍ରାଚୀନ ଭୂମି ଯେଉଁଠି ଜ୍ଞାନର ଆଲୋକ ସଂପୂର୍ଣ୍ଣ ବିଶ୍ୱକୁ ଅଲୋକିତ କରେ ଏବଂ ସମଗ୍ର ବିଶ୍ୱକୁ ଆଧାତ୍ମିକ ସନ୍ଦେଶ ଦିଏ। ଏଣୁ ଏହାକୁ ବିଶ୍ୱର ଗୁରୁ କୁହାଯାଏ। ଏ ଦେଶ ସଦାକାଳେ ଧର୍ମ, ଆଧାତ୍ମ ଦର୍ଶନର ଉଚ୍ଚତମ ସିଦ୍ଧାନ୍ତମାନଙ୍କର ଦେଶ ଅଟେ ଯାହାର ବାତାବରଣରେ ମାନବତା ତଥା ବିଶ୍ୱବନ୍ଧୁତ୍ୱର ଭାବ ପ୍ରତିଧ୍ୱନି ହୁଏ। ଇଏ ମିତି ଏକ ଦେଶ; ଏମିତି ଏହାର ସଂସ୍କୃତି ।

ତାଙ୍କ ଭାଷାରେ-*"ଭାରତ ବନ୍ଦନକୀ ଭୂମି ହୈ, ଅଭିନନ୍ଦନକୀ ଭୂମି ହୈ । ୟହ ତର୍ପଣ କି ଭୂମି ହୈ, ଅର୍ପଣ କି ଭୂମି ହୈ । ଇସ୍‌କା କଙ୍କର-କଙ୍କର ଶଙ୍କର ହୈ, ଇସ୍‌କା ବିନ୍ଦୁ ବିନ୍ଦୁ ଗଙ୍ଗାଜଳ ହୈ । ହମ୍ ଜିୟେଗେଁ ତୋ ଇସ୍‌କେ ଲିୟେ, ମରେଗେଁ ତୋ ଇସ୍‌କେ ଲିୟେ ।"*

ଏମିତି ଭାରତକୁ ନିଜର କରିଥିବା ଲୋକଟି ହେଉଛନ୍ତି ଅଟଳବିହାରୀ ବାଜପେୟୀ। ଯାହାଙ୍କ ଜୀବନ ଏ ଦେଶ ପାଇଁ ସଂପୂର୍ଣ୍ଣ ସମର୍ପିତ ଥିଲା। ଭାରତ ରାଜନୀତିରେ ସେ ଥିଲେ ଅଜାତଶତ୍ରୁ। ତାଙ୍କ ବ୍ୟକ୍ତିତ୍ୱରେ ଥିଲା ବିବେକ, ନେତୃତ୍ୱ ଥିଲା ନୀତିଯୁକ୍ତ; ଶାସନ ଥିଲା ପ୍ରଜାନୁରଞ୍ଜନ, ଯୋଜନା ଥିଲା ଗ୍ରାମୀଣ ବିକାଶ; ଲକ୍ଷ୍ୟ ଥିଲା ବିଶ୍ୱରେ ଭାରତକୁ ଶ୍ରେଷ୍ଠ ସ୍ଥାନ ଦେବା । କି ଦରଦୀ କି ବିରୋଧୀ ସମସ୍ତଙ୍କ ପାଇଁ ସେ ଥିଲେ ଅତି ଆପଣାର, ନିଜର । ହୃଦୟରେ ସେ ଥିଲେ କବି ପରି କୋମଳ । ଅଥଚ ରାଷ୍ଟ୍ରୀୟ ସମ୍ମାନ କ୍ଷେତ୍ରରେ ସେ ଥିଲେ ବଜ୍ର ଠାରୁ କଠୋର । ତାଙ୍କର ଜ୍ୱାଳାମୟୀ ଉଦ୍‌ଘୋଷ ପାର୍କଠାରୁ ପାର୍ଲାମେଂଟ ପର୍ଯ୍ୟନ୍ତ ଯାଏଁ ସମସ୍ତଙ୍କୁ କରୁଥିଲା ଉଦ୍‌ବେଳିତ । କୌଣସି ପରିସ୍ଥିତିକୁ ସାମ୍‌ନା କରିବାରେ ସେ ଥିଲେ ପ୍ରଚଣ୍ଡ ସାହସୀ। ଏ ଭାରତ ମାଟିରୁ ସେ ଥିଲେ ଜଣେ ସଫଳ ବିଦ୍ଧାଣି । ଏ ବିଶ୍ୱ ପାଇଁ ଆଦର୍ଶରେ ସେ ଥିଲେ ଜଣେ ବିଶ୍ୱ ପୁରୁଷ । ଏହିପରି ମହାତ୍ମା ଅଟଳବିହାରୀ ବାଜପେୟୀ ଆମକୁ ୧୬ ଅଗଷ୍ଟ ୨୦୧୮ରେ ଛାଡ଼ି ଚାଲିଗଲେ । ସତରେ ସେ ଆଉ ଥରେ ଫେରିଆସନ୍ତେ ନାହିଁ! ଭାରତରେ ରହିଯାଇଥିବା ଦୁଃଖକୁ ବୁଝେନ୍ତେ ନାହିଁ! ଏହି କଥାକୁ ସେ ତାଙ୍କ କବିତାରେ କହିଛନ୍ତି-

*"ମେଁ ଜି ଭରଜିୟା, ମେଁ ମନ ସେ ମରୁଁ*
*ଲୌଟ୍‌କର ଆଉଙ୍ଗା, କୁଚ୍ ସେ କ୍ୟୁଂ ଡରୁଁ ।"*

*-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ଶିବ ସ୍ୱରୂପ ଶ୍ରୀରାମକୃଷ୍ଣ ପରମହଂସ ଦେବ

--------ରଘୁନାଥ ମହାପାତ୍ର--------



ଆଜି ସମଗ୍ର ପୃଥିବୀରେ ଶ୍ରୀରାମକୃଷ୍ଣ ପରମହଂସଙ୍କର ଲକ୍ଷ ଲକ୍ଷ ଅନୁଗାମୀ ଭକ୍ତ ରହିଛନ୍ତି। ରାମକୃଷ୍ଣ ମିସନର ଶାଖା ପ୍ରାୟ ପୃଥିବୀର ସବୁ ଦେଶରେ ସ୍ଥାପିତ ହୋଇଛି। ଅସହାୟ, ଦରିଦ୍ର ବ୍ୟାଧି ପୀଡ଼ିତ, ମଣିଷ ମାନଙ୍କୁ ସେବା କରିବା ସହିତ, ବନ୍ୟା, ବାତ୍ୟା ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବା ସ୍ଥାନ ମାନଙ୍କରେ ମିସନର ସାଧୁ ସନ୍ନ୍ୟାସୀମାନେ ପହଞ୍ଚି ଦୁର୍ଗତ ଲୋକମାନଙ୍କୁ ଅନ୍ନ, ବସ୍ତ୍ର ପ୍ରଦାନ କରି ସେମାନଙ୍କର ଦୁଃଖ ଦୂର କରିବା ପାଇଁ ଚେଷ୍ଟା କରନ୍ତି। ଉନ୍ନବିଂଶ ଶତାବ୍ଦୀରେ ପ୍ରଥମ ଭାଗ ସନାତନ ହିନ୍ଦୁ ଧର୍ମ ପାଇଁ ଥିଲା ଏକ ଘଡ଼ିସନ୍ଧି ମୁହୂର୍ତ୍ତ। ସେତେବେଳେ ଦେଶରେ ଇଂରେଜ ଶାସନ ଚାଲିଥାଏ। ଇଂରେଜ ଶାସକମାନେ ଭାରତର ସାହିତ୍ୟ ସଂସ୍କୃତି, ଆଧ୍ୟାତ୍ମିକ ଧ୍ୱଂସ କରି ଇଂରେଜୀ ଭାଷା ଓ ଖ୍ରୀଷ୍ଟିଆନ ଧର୍ମର ପ୍ରଚାର ପ୍ରସାର ପାଇଁ ଲାଗି ପଡ଼ିଥାନ୍ତି। ସେମାନେ ଜାଣିଥିଲେ ଇଂରେଜୀ ଶିକ୍ଷା ମାଧ୍ୟମରେ ହିଁ ସେମାନେ ଭାରତୀୟ ସଂସ୍କୃତିକୁ ନଷ୍ଟ କରି ପାଶ୍ଚାତ୍ୟ ସଂସ୍କୃତିକୁ ଲୋକଙ୍କ ଉପରେ ଲଦିଦେବେ। ଇଂରାଜୀ ଶିକ୍ଷିତ ଯୁବକମାନଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିବାକୁ ଖ୍ରୀଷ୍ଟିଆନ ପାଦ୍ରୀମାନେ ଲାଗି ପଡ଼ିଥାନ୍ତି। ସେ ସମୟର ନବ୍ୟ ସଭ୍ୟ ଇଂରେଜ ପଢୁଆ ଯୁବକମାନେ ନିରାକାର ବ୍ରହ୍ମ ଉପାସନା ପାଇଁ ବ୍ରାହ୍ମଧର୍ମରେ ଯୋଗ ଦେବା ସହିତ ଅନ୍ୟ ମାନଙ୍କୁ ମଧ୍ୟ ଅନୁପ୍ରେରିତ କରୁଥାନ୍ତି। କାରଣ ସେ ସମୟରେ ହିନ୍ଦୁ ସମାଜରେ ବହୁପତ୍ନୀ ବିବାହ, ଶିଶୁକନ୍ୟା ବିବାହ ସତୀଦାହ, ବିଧବାନାରୀ ମାନଙ୍କ ପ୍ରତି ଘୃଣା ଭାବ ରହିଥିଲା ତା ଛଡ଼ା ଜାତିଭେଦ କୁସଂସ୍କାର ହିନ୍ଦୁ ସମାଜର ମଜ୍ଜାଗତ ହୋଇଯାଇଥିଲା।

ଏହିଭଳି ଏକ ସଂକଟ ସମୟରେ ରାମକୃଷ୍ଣ ପରମହଂସ ଦେବ ୧୮୩୬ ମସିହା ଫେବୃଆରୀ ୧୮ ତାରିଖ ବୁଧବାର ଶୁକ୍ଳ ଦ୍ୱିତୀୟା ତିଥିରେ ହୁଗୁଳି ଜିଲ୍ଲା ଅନ୍ତର୍ଗତ କାମାର ପୁକୁର ଗ୍ରାମରେ ଜନ୍ମ ଗ୍ରହଣ କଲେ। ତାଙ୍କ ପିତାଙ୍କ ନାମ କ୍ଷୁଦିରାମ ଚଟ୍ଟୋପାଧ୍ୟାୟ ମାତାଙ୍କ ନାମ ଚନ୍ଦ୍ରମଣି ଦେବୀ। ରାମକୃଷ୍ଣଙ୍କ ଜନ୍ମ ବିଷୟରେ ଏକ କାହାଣୀ ଅଛି ଯେ କ୍ଷୁଦୀରାମ ଗୟାତୀର୍ଥ ଠାରେ ଅବସ୍ଥାନ କରୁଥିବାବେଳେ ଗଦାଧର ତାଙ୍କ କୋଳରେ ପୁତ୍ର ସନ୍ତାନ ରୂପେ ଜନ୍ମ ହେବେ ବୋଲି ସ୍ୱପ୍ନ ଦେଖିଥିଲେ। କ୍ଷୁଦୀରାମ ଚଟ୍ଟୋପାଧ୍ୟାୟ ଗୟାତୀର୍ଥରୁ ଫେରିବା ପରେ ତାଙ୍କ ସ୍ତ୍ରୀଙ୍କୁ ସ୍ୱପ୍ନ ବିଷୟ ବ୍ୟକ୍ତ କଲେ। ଚନ୍ଦ୍ରମଣି ଦେବୀ ମଧ ସ୍ୱାମୀଙ୍କୁ କହିଲେ ତୁମେ ଗୟାତୀର୍ଥରେ ଥିବା ସମୟରେ ମୁଁ ମଧ ସେହିପରି ସ୍ୱପ୍ନ ଦେଖିଛି। ସେ ସମୟରେ ଗୋଟିଏ ବିଶେଷ ଘଟଣା ଘଟିଲା। କ୍ଷୁଦୀରାମଙ୍କ ଘର ପାଖରେ ଗୋଟିଏ ଶିବ ମନ୍ଦିର ଥିଲା। ଚନ୍ଦ୍ରମଣି ଦେବୀ ପ୍ରାୟ ପ୍ରତିଦିନ ଶିବଙ୍କୁ ଦର୍ଶନ କରିବାକୁ ଯାଆନ୍ତି। ଦିନେ ମନ୍ଦିର ଦୁଆରେ ଛିଡ଼ା ହୋଇ ଶିବଲିଙ୍ଗଙ୍କୁ ନିରୀକ୍ଷଣ କରୁଥିଲେ। ହଠାତ୍ ଚନ୍ଦ୍ରମଣି ଦେବୀଙ୍କର ମନେହେଲା ଏକ ପ୍ରଗାଢ଼ ଦିବ୍ୟଜ୍ୟୋତି ଶିବଲିଙ୍ଗରୁ ବାହାରି ତାଙ୍କ ଦେହ ଭିତରେ ପ୍ରବେଶ କରିଗଲା। ସେ ଭୟରେ ମୂର୍ଚ୍ଛିତା ହୋଇ ତଳେ ପଡ଼ିଗଲେ। ଧନୀ ନାମରେ ଜଣେ କମାରୁଣୀ ତାଙ୍କର ଏପରି ଅବସ୍ଥା ଦେଖି ମୁହଁରେ ପାଣିଛାଟି ପଙ୍ଖାଟିଏ ଧରି ବିଞ୍ଚିବାକୁ ଲାଗିଲେ। ଘଣ୍ଟାଏ ପରେ ତାଙ୍କର ଚେତା ଫେରିଲା ସେ ଘରକୁ ଫେରିଲେ। ସେ ଘର କାମରେ ବ୍ୟସ୍ତ ଥିବାବେଳେ ଅନେକ ସମୟରେ ଆକସ୍ମିକ ଭାବେ ଘର ଭିତରେ ଏକ ଦିବ୍ୟ ବାସ୍ନା ଭରିଯାଏ। ମଝିରେ ମଝିରେ ସୁମଧୁର ସଂଗୀତର ଧ୍ୱନି ତାଙ୍କ କାନରେ ବାଜେ। ସେ ଦେଖନ୍ତି ଆଖପାଖରେ କେହି ନାହାନ୍ତି କିନ୍ତୁ ସଂଗୀତର ମଧୁର ଧ୍ୱନି ଶ୍ରୁତିଗୋଚର ହେଉଛି। ଏହିସବୁ ଘଟଣା ଦ୍ୱାରା ଚନ୍ଦ୍ରମଣି ଦେବୀ ଭୟଭୀତ ହେଉଥିଲେ ଏବଂ ଅନେକ ସମୟରେ ଧନୀ କମାରୁଣୀ ଓ ପଡ଼ୋଶୀ ପ୍ରସନ୍ନମୟୀଙ୍କୁ ମନକଥା ଖୋଲି କହୁଥିଲେ। ସେମାନେ ଆଶ୍ୱାସନା ଦେଇ କହୁଥିଲେ ଏ ସବୁ ବିଷୟ କାହା ପାଖରେ ପ୍ରଚାର ନକରିବା ଭଲ। କ୍ଷୁଦୀରାମ ଚଟ୍ଟୋପାଧ୍ୟାୟ ଗୟାରୁ ଫେରି ତାଙ୍କର ଅନୁଭୂତି ସ୍ତ୍ରୀଙ୍କ ନିକଟରେ ବର୍ଣ୍ଣନା କଲେ। ସ୍ତ୍ରୀ ମଧ ତାଙ୍କର ଅନୁଭୂତି କହିଲେ। କ୍ଷୁଦୀରାମ ଜାଣି ପାରିଲେ ଯେ କେହି ଜଣେ ଦିବ୍ୟପୁରୁଷ ଏହି ବଂଶରେ ଜନ୍ମ ଗ୍ରହଣ କରିବେ। ତାହା ହିଁ ହେଲା। କ୍ଷୁଦୀରାମଙ୍କ ଢ଼ିଙ୍କିଶାଳରେ ସେହି ଦିବ୍ୟଶିଶୁ, ଶିବଙ୍କ ଅବତାର ଭୂମିଷ୍ଠ ହେଲେ। ଜନ୍ମ ସମୟରେ ସେ ଧାନ ଉଷୁଁଆ ଚୁଲିପାଖକୁ ଗଡ଼ି ଯାଇଥିଲେ ଏବଂ ଚୁଲି ପାଉଁଶରେ ସେ ବୋଳି ହୋଇଯାଇଥିଲେ। ସାଧୁ ସନ୍ନ୍ୟାସୀମାନେ ପ୍ରମାଣ କରିଥିଲେ ଯେ ଯେହେତୁ ଗଦାଧର ହେଉଛନ୍ତି ସ୍ୱୟଂ ଶିବ ସେ ଜନ୍ମ ହେବାମାତ୍ରେ ବିଭୂତି ଭୂଷଣ ହେଲେ। ଗଦାଧର ଜନ୍ମ ବେଳକୁ ବେଶ ସୁନ୍ଦର ସ୍ୱାସ୍ଥ୍ୟ ନେଇ ଜନ୍ମ ହୋଇଥିଲେ। ଏବଂ ତାଙ୍କ ରୂପ ଲାବଣ୍ୟ ସମସ୍ତଙ୍କୁ ଆକର୍ଷଣ କରୁଥିଲା। ଯିଏ ତାଙ୍କୁ ଥରେ ଦେଖୁଥିଲା ସେ ତାକୁ କୋଳ କରିବା ପାଇଁ ଇଚ୍ଛା କରୁଥିଲା। କ୍ରମେ ଗଦାଧର ବଡ଼ ହେଲେ ଗାଁ ଦାଣ୍ଡରେ ପିଲାମାନଙ୍କ ସାଙ୍ଗରେ ଖେଳାବୁଲା କଲେ। ତାଙ୍କର ଆକର୍ଷଣ ଶକ୍ତି ଗ୍ରାମର ସବୁ ଲୋକଙ୍କୁ ଆକୃଷ୍ଟ କଲା। ପିଲାବେଳେ ଗଦାଧର ଭଲ ଗୀତ ବୋଲୁଥିଲେ ନୃତ୍ୟ ସଙ୍ଗୀତ ଉତ୍ସବରେ ଭାଗ ନେଉଥିଲେ। ତାଙ୍କର ସ୍ମୃତି ଶକ୍ତି ଅତ୍ୟନ୍ତ ପ୍ରଖର ଥିଲା ଯାହା ଥରେ ଶୁଣୁଥିଲେ ତାକୁ ମନେ ରଖି ଦେଉଥିଲେ। ଅନେକ ଭଜନ, ଜଣାଣ, ସ୍ତୋତ୍ର କଣ୍ଠସ୍ଥ



କରିଥିବାରୁ ଠାକୁରଙ୍କ ସମ୍ମୁଖରେ ବସି ସେ ଗୁଡ଼ିକ ଗାନ କରି ଭାବବିହ୍ୱଳ ହୋଇ ପଡୁଥିଲେ। ଅନେକ ସମୟରେ ତାଙ୍କର ଭାବ ସମାଧି ଘଟୁଥିଲା। ଲୋକମାନେ ଭାବୁଥିଲେ ଗଦାଧରକୁ ମୂର୍ଚ୍ଛାରୋଗ ଧରିଛି। ତାଙ୍କୁ ଭଲ କବିରାଜି ଦେଖାଇ ଚିକିତ୍ସା ବ୍ୟବସ୍ଥା କରିବାକୁ ତାଙ୍କ ପିତାଙ୍କୁ ପରାମର୍ଶ ଦେଉଥିଲେ। ଅଳ୍ପ ବୟସରେ ଗଦାଧରଙ୍କ ପିତା ମୃତ୍ୟୁ ବରଣ କଲେ। ବଡ଼ପୁଅ ଉପରେ ଘର ଚଳାଇବାର ଦାୟିତ୍ୱ ପଡ଼ିଲା। ଗଦାଧର ଯେ ଶିବଙ୍କର ଅବତାର ସ୍ୱରୂପ ଏକଥା ତାଙ୍କ ଜୀବନର ଅନେକ ଘଟଣାରୁ ଜଣା ପଡ଼ିଥିଲା। ତେବେ ଏଠାରେ ମୁଁ ଗୋଟିଏ ଘଟଣା ଉଲ୍ଲେଖ କରିବାକୁ ଚାହେଁ ଯାହା ତାଙ୍କ ସ୍ୱରୂପ ପ୍ରକଟର ଏକ ନିଚ୍ଛକ ଉଦାହରଣ।

ଗଦାଧର ଯେତେବେଳେ ନଅବର୍ଷର କିଶୋର ସେଇ ସମୟର ଏହି ଘଟଣା। ଥରେ ଶିବ ଚତୁର୍ଦ୍ଦଶୀ ତିଥିରେ ଦିନସାରା ଉପବାସ ରହି ସଂଧ୍ୟାବେଳେ ଗଦାଧର ଶିବ ପୂଜା କରୁଥିଲେ। ପ୍ରଥମ ପ୍ରହରର ପୂଜା ସରିଛି ଏତିକି ବେଳେ ତାଙ୍କର ପ୍ରିୟ ସାଙ୍ଗ ଗୟାବିଷ୍ଣୁ (ଧର୍ମଦାସ ଲାହାଙ୍କପୁଅ) ଦଳ ବଳଙ୍କ ସହିତ ଆସି ପହଞ୍ଚିଲେ। ସୀତାନାଥ ପାଇଲଙ୍କ ଘରେ ଯାତ୍ରା ହେବ। ଗଦାଧରକୁ ସେମାନେ ସେଠାକୁ ନେଇଯିବା ପାଇଁ ଆସିଛନ୍ତି। ଶିବରାତ୍ରି ଉତ୍ସବ ପାଇଁ ସେଠାରେ ଶିବଲୀଳା ଗୀତାଭିନୟ ହେବ। ଯେଉଁ ଲୋକଟି ଶିବଙ୍କ ଅଭିନୟ କରିବା କଥା ସେ ହଠାତ୍ କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ହୋଇପଡ଼ିଥାଏ। ସୁତରାଂ ଗଦାଧର ବ୍ୟତୀତ ଅନ୍ୟ କେହି ଏ ସଙ୍କଟରୁ ରକ୍ଷା କରିପାରିବେ ନାହିଁ, ଏପରି ସୁନ୍ଦର ଚେହେରା, ସୁକଣ୍ଠ ଗାୟକ ଗାଁରେ କେହି ନଥିଲେ। ତେଣୁ ସେମାନେ ଗଦାଧରଙ୍କୁ ନେବାକୁ ଆସିଥିଲେ। ସେ ଦିନ ଥିଲା ଶିବରାତ୍ରି, ଶିବ ପୂଜା ଛାଡ଼ି ଯାତ୍ରାଭିନୟରେ ଯିବା ପାଇଁ ଗଦାଧର ଅନିଚ୍ଛୁକ ଥିଲେ। କିନ୍ତୁ ଯେଉଁ ସାଙ୍ଗସାଥୀମାନେ ଆସିଥିଲେ ସେମାନେ ତାଙ୍କୁ ସାଙ୍ଗରେ ନେବା ପାଇଁ ଜିଦ୍ କଲେ। ସେମାନେ ଯୁକ୍ତି କଲେ ଯେ ଶିବଙ୍କ ଭୂମିକାରେ ଅଭିନୟ କଲେ ସେ ଶିବଙ୍କ ଚିନ୍ତା ଓ ଶିବଙ୍କ ଆରାଧନା ହିଁ କରିବେ। ଏବେ ଗଦାଧରଙ୍କ ମନ ବଦଳିଗଲା ସେ ଯିବା ପାଇଁ ସମ୍ମତ ହେଲେ। ଯାତ୍ରାରେ ଅଭିନୟ କରିବା ପାଇଁ ଗଦାଧର ଯେତେବେଳେ ଶିବଙ୍କ ବେଶ ପୋଷାକ ପିନ୍ଧିଲେ ତାଙ୍କର ମନର ଅବସ୍ଥା ବଦଳିଗଲା। ମୁଣ୍ଡରେ ଜଟା କାନରେ ଦୁଦୁରା ଫୁଲ, ହାତରେ ରୁଦ୍ରାକ୍ଷମାଳା ପିନ୍ଧି ଦେହରେ ବିଭୂତି ବୋଳି ଯେତେବେଳେ ଗଦାଧରଙ୍କୁ ଯାତ୍ରାମଞ୍ଚ ଉପରକୁ ପଠାଇ ଦିଆଗଲା, ସେତେବେଳେ ମନେହେଲା ଦେବ ଦେବ ମହାଦେବ ସତେଯେପରି ମର୍ତ୍ତ୍ୟପୁରରେ ଅବତରଣ କରିଛନ୍ତି। ଲୋକମାନେ ଅପଲକେ ନୟନରେ ଦେଖିଲେ ଜଟା ଜୁଟଧାରୀ ଭସ୍ମ ବିମଣ୍ଡିତ ମହାଦେବଙ୍କୁ ମଞ୍ଚ ଉପରେ ଦଣ୍ଡାୟମାନ। ସେମାନେ ଦର୍ଶନ କରିବାକୁ ଲାଗିଲେ। କନ୍ତୁ ଆଶ୍ଚର୍ଯ୍ୟର କଥା ଗଦାଧରଙ୍କ ପାଟିରୁ କୌଣସି ସଂଳାପ ବାହାରୁ ନାହିଁ। ସେ ଯେପରି ପଥର ମୂର୍ତ୍ତି ହୋଇଯାଇଛନ୍ତି। ଯାତ୍ରାଦଳର ମାଲିକ ଏପରି ପରିସ୍ଥିତିକୁ ଟାଳିଦେବା ପାଇଁ ମଞ୍ଚ ଉପରକୁ ଉଠିଯାଇ ଗଦାଧରଙ୍କୁ ହଲାଇ ଦେଲେ ଏବଂ ସଂଳାପ କହିବାକୁ ନିର୍ଦ୍ଦେଶ ଦେଲେ। ସେତେବେଳେ କିନ୍ତୁ ଗଦାଧର ପଥର ପରି ନିଷ୍ପଳ ହୋଇ ଯାଇଥିଲେ। ତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା, ତାଙ୍କ ମୁଖ ମଣ୍ଡଳ ଦିବ୍ୟଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଥିଲା। ଏଭଳି ଅଦ୍ଭୁତ ଦୃଶ୍ୟ ଦେଖି ସମସ୍ତେ ବିସ୍ମୟରେ ନିର୍ବାକ ହୋଇ ରହିଲେ। ସେମାନେ ନାନା ପ୍ରକାର ଚେଷ୍ଟାକଲେ, ଗଦାଧରଙ୍କ ସଂଜ୍ଞା ଫେରିଲା ନାହିଁ। ଯାତ୍ରା ଭାଙ୍ଗିଗଲା, ସମାଧିସ୍ଥ ଅବସ୍ଥାରେ ଗଦାଧରଙ୍କୁ ଆଣି ଘରେ ପହଞ୍ଚାଇ ଦେଲେ। ସାରା ରାତି ବିତିଗଲା ତାଙ୍କର ଚେତା ଫେରିଲା ନାହିଁ। ପରଦିନ ପ୍ରଭାତ ପୂର୍ବ ଆକାଶରେ ନୂତନ ସୂର୍ଯ୍ୟ ଉଦୟ ପାଇଁ ଯେତେବେଳେ ଆଲୋକ ବଳୟ ସୃଷ୍ଟି ହେଲା ସେତେବେଳେ ଗଦାଧର ସମାଧିରୁ ଉଠିଲେ। କୈଳାସବାସୀ ଶିବ ତାଙ୍କୁ ଶୁଣାଇ ଦେଲେ ଆମେ ଦୁହେଁ ଏକ। ମୁଁ ବାରମ୍ବାର ତୋ ଦେହକୁ ଆସିବି। ଜଗତରେ ଅନେକ ଅଲୌକିକ କାର୍ଯ୍ୟ ତୋ ଦ୍ୱାରା ସାଧନ ହେବ। ପରବର୍ତ୍ତୀ କାଳରେ ସେ ଜଗନ୍‌ମାତା ଦଗଦୟାଙ୍କର ପୂଜକ ସାଜି ସେ ହେଲେ ସର୍ବଧର୍ମ ସମନ୍ୱୟକାରୀ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ।

*-ସତ୍ୟଶ୍ରୀ ନିଳୟ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ: ୯୨୩୮୬୩୨୭୫୦*




# ସ୍ୱାଧୀନତାର ଗୌରବ ପଦଯାତ୍ରା ଉଦ୍‌ଯାପିତ

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସର ଆହ୍ୱାନକ୍ରମେ ଗତ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଠାରୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଆରମ୍ଭ ହୋଇଥିବା ସ୍ୱାଧୀନତାର ଗୌରବ ପଦଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଦୀର୍ଘ ୬ ଦିନ ଧରି ଏହି ଗୌରବ ପଦଯାତ୍ରା ସାଂଗଠନିକ ଜିଲ୍ଲାର ୧୦ଟି ବ୍ଲକ୍ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିବା ବେଳେ ଆଜି ୩ ନମ୍ବର ବ୍ଲକ୍‌ର ବିଶ୍ରା ଛକଠାରୁ ଏହି ପଦ ଯାତ୍ରା ଆରମ୍ଭ ହୋଇ ୨ ନମ୍ବର ବ୍ଲକ୍ ଆମ୍ବେଦକର ଛକ ମଧ ଦେଇ ୧ ନମ୍ବର ବ୍ଲକ୍‌ର ପାନପୋଷ ଗାନ୍ଧୀ ଛକଠାରେ ଉଦ୍‌ଯାପିତ ହୋଇଥିଲା । ଏହି ପଦଯାତ୍ରାକୁ ଆଜି ଅନ୍ତିମ ଦିବସରେ ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଛତ୍ରିଆ ସ୍ଥାନୀୟ ବିଶ୍ରା ଛକଠାରେ ସ୍ୱାଧୀନତା ସଂଗ୍ରାମର ବୀର ବର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ସହରର ମୁଖ୍ୟ ମାର୍ଗ ଦେଇ ଅଗ୍ରସର ହେଲା ବେଳେ ମଧୁସୂଦନ ମାର୍ଗରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ଠାରେ ଅବସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା । ପଦଯାତ୍ରା ଉଦିତନଗର ଆମ୍ବେଦକ ଛକଠାରେ ପହଞ୍ଚିବା ପରେ ପର୍ଯ୍ୟବେକ୍ଷକ ଶ୍ରୀ ଛତ୍ରିଆ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପଦଯାତ୍ରା ଏସ୍‌ଟିଆଇ ଛକ ଦେଇ ପାନପୋଷ ଗାନ୍ଧୀ ଛକଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଦୀର୍ଘ ୬ ଦିନର କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷକ ଶ୍ରୀ ଛତ୍ରିଆ ଉଦ୍‌ଯାପନ କରିଥିଲେ । ଏହି ପଦଯାତ୍ରା ସମୟରେ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ଡାକବାଡି ଯନ୍ତ୍ରଦ୍ୱାରା ପରିବେଷଣ କରାଯାଇଥିବାବେଳେ ଏଥିରେ କର୍ମକର୍ତ୍ତା ଓ କର୍ମୀମାନେ ହାତରେ ତ୍ରିରଙ୍ଗା ପତାକା ସହ ଦଳୀୟ ପତାକା ଧରି ସାମିଲ୍ ହୋଇଥିଲେ । ପଦଯାତ୍ରା ସମୟରେ ସ୍ୱତନ୍ତ୍ର ସେନାନୀଙ୍କ ତ୍ୟାଗ ଓ ବଳିଦାନ ତଥା ସ୍ୱାଧୀନତା ପରେ ଆଧୁନିକ ଭାରତ ନିର୍ମାଣରେ କଂଗ୍ରେସର ତୁଙ୍ଗ ନେତୃବୃନ୍ଦଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରାଯାଇ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା । ସହର ମଧଦେଇ ପଦଯାତ୍ରା ଯିବାବେଳେ ପଥଚାରୀ ଓ ସ୍ଥାନୀୟ ବ୍ୟବସାୟୀମାନେ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କ ଏଭଳି କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇ ବେଶ୍ ଉତ୍ସାହିତ କରିଥିଲେ । ବର୍ତ୍ତମାନର କେନ୍ଦ୍ର ସରକାର ଦ୍ୱାରା ସାମାଜିକ ସଦ୍‌ଭାବ ନଷ୍ଟ କରାଯାଇ ଦେଶବାସୀଙ୍କ ମଧ୍ୟରେ ବିଭେଦ ଓ ତାରତମ୍ୟ ସୃଷ୍ଟି କରାଯାଉଥିବାରୁ ସମ୍ପ୍ରତି ପ୍ରତ୍ୟେକ କଂଗ୍ରେସ କର୍ମୀ ଏଥିପ୍ରତି ସଚେତନ ହୋଇ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶ ଅନୁଯାୟୀ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ସମେତ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ପ୍ରଭାତୀ ମିଶ୍ର, ପିସିସି ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମୀରଂଜନ ପାଢୀ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, କୀର୍ତ୍ତନ ଦାସ ଓ ଶୋଭା ସିଂହ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ଶଙ୍କର ଅଗ୍ରୱାଲ, ତୁଳସୀ ନାଗ ଓ ରାଜେଶ ଟପ୍ପୋ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଛାତ୍ର ସଭାପତି ସୂର୍ଯ୍ୟକା' ବାରିକ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରଘୁନାଥ ଦାସ ଓ ବିଜୟ ଆପଟ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଶ୍ୟାମେନ୍ଦ୍ର ମାହାତୋ, ମାତାପ୍ରସାଦ ଜୟସ୍ୱାଲ, ଦିଲ୍ଲୀପ ଜେନା, ସାହିର ହୁସେନ, ରୁକସାନା ବେଗମ, ଅମ୍ରିତ କୌର, ରତିକାନ୍ତ ମଲ୍ଲିକ, ସେବାଦଳର ବୁଲୁ ଦାସ, ସାମାଜିକ ଗଣମାଧ୍ୟମର ବିଶ୍ୱଜିତ ସାହୁ ପ୍ରମୁଖ ପଦଯାତ୍ରାରେ ସକ୍ରିୟ ଭୂମିକା ନିର୍ବାହ କରିଥିବା ବେଳେ ବରିଷ୍ଠ ନେତା ରେହେମାନ ଖାନ, ରାଜନ ତନ୍ତୀ, ପ୍ରଶାନ୍ତ ମହାକୁଡ, ଇଜାଜ ଅକତର, ଅମୀୟ ଦାସ, ଯୁବନେତା ନୱାବ ଖାନ, ଏମ୍‌ଡି ଆଲମ, ଏମ୍‌ଡି ମୁକ୍ତାର, ଲୋକନାଥ ଭୂମିଜ, ସରିତା ଟପ୍ପୋ, ଝୁନୁ ପଟ୍ଟନାୟକ, ନରେନ୍ଦ୍ର ବର୍ମା, ସଦାମ ଅହମ୍ମଦ, ଇସ୍ତେହାର ଅହମ୍ମଦ, ବନଲତା ବେହେରା, ଗୀତା ସିଂହ, ପ୍ରଦୀପ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତା ପ୍ରବଳ ବର୍ଷା ସତ୍ତ୍ୱେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ତୂଳୀରେ ଘରେ ଘରେ ତ୍ରିରଙ୍ଗା: ଆଜାଦୀର ମହତ୍ତ୍ୱକୁ ରଙ୍ଗ, ତୂଳୀରେ ବଖାଣିଲେ ଆଠବର୍ଷର କୁନି ଚିତ୍ରଶିଳ୍ପୀ




ଭୁବନେଶ୍ୱର (ପିଏନ୍): ଦେଶ ପାଳୁଛି ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ। ଏଥିପାଇଁ ଦେଶବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ଜାରି ରହିଛି। ଏପରି ଐତିହାସିକ ଅବସରରେ ଦେଶର ପ୍ରତ୍ୟେକ ନାଗରିକ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ୮ ବର୍ଷ ବୟସର କୁନି ଚିତ୍ର ଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଦେଶ ଆଜାଦୀର ମହତ୍ତ୍ୱକୁ ହୃଦୟତାର ସହ ବୁଝିପାରି ନିଜେ ରଙ୍ଗ, ତୂଳୀରେ ବଖାଣି ଆଙ୍କିଛନ୍ତି ଏକ ପଲ୍ଲୀର ଘରେ ଘରେ ତ୍ରିରଙ୍ଗା ଦୃଶ୍ୟର ଚିତ୍ର। ସେ ଚିତ୍ରରେ ପଲ୍ଲୀର ପ୍ରତିଟି ଘର ଉପରେ ଫର୍ ଫର୍ ହୋଇ ଉଡୁଥିବା ଆଜାଦୀର ଏହି ତ୍ରିରଙ୍ଗାକୁ ନିଖୁଣ ରୂପେ ଦର୍ଶାଇବା ସହ ଜାତୀୟତାର ମହାନ୍ ଚିନ୍ତାଧାରାରେ ଶାନ୍ତନୁ ଉଦ୍‌ବୁଦ୍ଧ ହୋଇ ରଙ୍ଗ ଓ ତୂଳୀରେ ପଲ୍ଲୀବାସୀଙ୍କୁ ଏକାଠି କରାଇ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ୍ କରାଇ ପାରିଛନ୍ତି ବୋଲି ଶାନ୍ତନୁ କହିଛନ୍ତି। ଶାନ୍ତନୁଙ୍କ ଏହି ଚିତ୍ରଟି ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେବା ସହ ଅନେକ ଏହାକୁ ପସନ୍ଦ କରିଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ଶାନ୍ତନୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୀମଟାଙ୍ଗିର ତୃତୀୟ ଶ୍ରେଣୀର ପାଠ ପଢୁଛନ୍ତି। କଅଁଳ ବୟସରେ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

## ଦେଓଗାଁ ବନ ବିଭାଗ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳିତ

ଘଷିପୁରା (ପିଏନ୍): ସ୍ଥାନୀୟ ଦେଓଗାଁ ଠାରେ ଥିବା ବନ ବିଭାଗ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ହରିଚନ୍ଦନପୁର ବନପାଳ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱ ପରବେଶରେ ହାତୀର ଗୁରୁତ୍ୱ ସ୍ୱୀକୃତି ଦେବା ଲକ୍ଷରେ ଏହି ଦିବସ ପାଳନ କରାଯାଇଛି । ହାତୀ ମାନଙ୍କ ଆବାସ ସ୍ଥଳୀକୁ ସୁରକ୍ଷିତ ରଖିବା, ସେମାନଙ୍କ ପାଇଁ ଅଭୟାରଣ୍ୟ ସୃଷ୍ଟି କରିବା ଆଦିକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେଓଗାଁ ବନ ବିଭାଗ ରେର ସୁରେନ୍ଦ୍ର କୁମାର ହେମ୍ବ୍ରମ ଉପସ୍ଥିତ ଥିବା ବେଳେ ହରିଚନ୍ଦନପୁର ବନପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହା ସହିତ ସ୍ଥାନୀୟ କୁଶଳେଲ୍ୱର ସରକାରୀ ହାଇସ୍କୁଲ ପରିସରରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଦେଓଗାଁ ବନବିଭାଗର ବନପାଳ ଶ୍ୟାମ ସୁନ୍ଦରସାହୁ ଏବଂ ଅଫିସ୍ କିରାଣୀ ରାମେଶ୍ୱର ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# କୋଣାର୍କରେ ୭୬ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ



କୋଣାର୍କ (ପିଏନ୍)- କୋଣାର୍କରେ ଆଜାଦିକା ଅମୃତ ମହୋତ୍ସବ ଓ ୭୬ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ୧୫ ଦିନ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନ ସରକାରୀ ବେସରକାରୀ ସଂସ୍ଥା ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ଅବସରରେ ଶୋଭାଯାତ୍ରା, ତ୍ରିରଙ୍ଗା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ସୋମବାର ପ୍ରତ୍ୟୁଷରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ସ୍କୁଲ ଓ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ପ୍ରଭାତଫେରୀ ଓ ରାମଧୂନ୍ ଗାନ କରିବା ସହ କୋଣାର୍କ ବଜାର ପରିକ୍ରମା କରି ନିଜ ନିଜ ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ରାଜ୍ୟ ସରକାରଙ୍କ କୋଭିଡ-୧୯ ଗାଇଡ ଲାଇନ ପାଇଁ ଚଳିତ ବର୍ଷ କୋଣାର୍କ ଏନଏସି ପଡିଆରେ ଛାତ୍ରଛାତ୍ରୀଙ୍କ ବିନା ନିରାଡମ୍ବର ଭାବେ ପତାକା ଉତ୍ତୋଳନ କରାଯାଇଥିଲା । ଆଜାଦିକା ଅମୃତ ମହୋତ୍ସବ ପାଳନ ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷା ବାଧକ ସାଜିଥିଲେବି ଜାତୀୟତା ଭାବ ସମସ୍ତଙ୍କ ମନାରେ ଦେଖା ଦେଇଥିଲା । ପ୍ରତେକ ବ୍ୟକ୍ତି



ନିଜ ନିଜ ଘରେ ତ୍ରିରଙ୍ଗା ଉଡାଇଥିଲେ । ଏହି ଅବସରରେ କୋଣାର୍କର ଅଗ୍ରଣୀ ସ୍ୱୋଛାସେବୀ ସଂଗଠନ ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ଅଗଷ୍ଟ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ୱାଧିନତା ସପ୍ତାହ ପାଳନ ପାଳନ କରାଯାଇଥିଲା । ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ୭୫ଟି ବୃକ୍ଷରୋପଣ, ବିଭିନ୍ନ ସ୍ଥାନରେ ସଫେଇ, ସ୍ୱାଧିନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଦୀପଦାନ, କୃଷକ ଓ ମହୀଳାମାନଙ୍କ ଦ୍ୱାରା ତ୍ରିରଙ୍ଗା ରାଲି, ସୂର୍ଯ୍ୟ ମନ୍ଦିର ପରିସରାର ଯୋଗ ପ୍ରଦର୍ଶନୀ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କୋଣାର୍କ ସେବା କେନ୍ଦ୍ର ପକ୍ଷରୁ ରାଜ ଯୋଗ ଅଭ୍ୟାସ, କୋଣାର୍କ ନାଟ୍ୟମଣ୍ଡପ ପରିସରରେ ତ୍ରିରଙ୍ଗା ପ୍ରଦର୍ଶନୀ, ପର୍ଯ୍ୟଟକଙ୍କୁ ୭୫ଟି ତ୍ରିରଙ୍ଗା ବିତରଣ, ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ, କୋଣାର୍କ ନାଟ୍ୟ ମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ର କରାଯାଇଥିଲା । ୭୬ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଭାରତୀୟ ପୁରାତନ ସର୍ବେକ୍ଷଣ ସଂସ୍ଥା(ଏଏସଆଇ) ପକ୍ଷରୁ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ପଦ୍ମ



ବିଭୁଷଣ ଶିଳ୍ପୀ ସୁଦର୍ଷନ ସାହୁ ଓ ଏସ୍‌ଆଇର ଭୁବନେଶ୍ୱର ସର୍କଲ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ଦ୍ୱାରା ବିଶାଳ ତ୍ରିରଙ୍ଗା ଉତ୍ତାନଳ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଉପସ୍ତିତ ଥିଲେ । ଏତଦବ୍ୟତିତ କୋଣାର୍କ ଏନଏସି ବିଜେଡି କାର୍ଯ୍ୟୟ, କୋଣାର୍କ ଭଗବତୀ ମହାବିଦ୍ୟାଳୟ, ଦାମଦୋର ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚବିଦ୍ୟାଳୟ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ସ୍କୁଲ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ, ଜବାହାର ନବଦୋୟ ବିଦ୍ୟାଳୟ, କୋଣାର୍କ ଗଣେଶ କମିଟ, କୋଣାର୍କ ଥନା, କୋଣାର୍କ କୋର୍ଟ, କୋଣାର୍କ ନାଟ୍ୟ ମଣ୍ଡପ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଭେଙ୍କଟେଶ୍ୱର ସ୍କୁଲ, ସରଶ୍ୱତୀ ଶିଶୁ ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ୟବସାୟୀ ମହାସଙ୍ଘ, ମା' ରାମଚଣ୍ଡୀ ମିନିମୋଟର ଆସୋଶିଏସନ, ସୂର୍ଯ୍ୟମନ୍ଦିର ଫଟୋଗ୍ରାଫର ଆସୋସିଏସନ, ହୋଟେଲ ଆସୋସିଏସନଙ୍କ ସମେତ ସରକାରୀ, ବେସରକାରୀ, ବ୍ୟବସାୟ ପ୍ରତିଷ୍ଠାନ ଓ ବିଭିନ୍ନ ସଙ୍ଗଠନର କାର୍ଯାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

# ଭାରତୀୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ତ୍ରିରଙ୍ଗା ରାଲି

କୋଣାର୍କ (ପିଏନ୍): ଆଜଦିକା ଅମୃତ ମହୋତ୍ସବ ଅବସରରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ କୋଣାର୍କରେ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇ ଯାଇଛି । ଭାରତ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ ଏକ ତ୍ରିରଙ୍ଗା ରାଲି କୋଣାର୍କ ବଜାର ପରିକ୍ରମା କରିବା ସହ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର କରିକ୍ରମା କରିଥିଲା । ଏହି ତ୍ରିରଙ୍ଗା ରାଲି ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ଜାତୀୟ ପତାକା ଉଡାଇବା ପାଇଁ ସଚେତନ କରାଇଥିବା ବେଳେ ଜାତୀୟ ଚେତନା ଧର୍ମ ସ୍ଲୋଗାନ ମାନ ଦିଆଯାଇଥିଲା। ଏତଦ୍‌ବ୍ୟତିତ ସ୍ଥାନୀୟ ଲୋକଙ୍କ ସମେତ ସୂର୍ଯ୍ୟ ମନ୍ଦିର ଭ୍ରମଣରେ ଆସିଥିବା ପର୍ଯ୍ୟଟକଙ୍କୁ ତ୍ରିରଙ୍ଗା ବିତରଣ କରାଯାଇଥିଲା । ଏହି ସମୟରେ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂର୍ଯ୍ୟ ମନ୍ଦିର ସମ୍ମୁଖ ଓ ଚନ୍ଦ୍ରଭାଗାଠାରେ ସେଲଫି ପଏଣ୍ଟ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସମେତ ପର୍ଯ୍ୟଯକମାନେ ମନଭରି ସେଲଫି ଉଠାଉଥିବା ଦେଖିବାକୁ ମିଳିଥିଲା। ଭାରତ ପର୍ଯ୍ୟଟନ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର କର୍ମକର୍ତ୍ତାମାନେ ଏହି ତ୍ରିରଙ୍ଗା ରାଲି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ପର୍ଯ୍ୟଟନ ବିଭାଗର ସୂଚନା ଅଧିକାରୀ ଜଗନ୍ନାଥ ବେହେରା, ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦିଚରଣ ସ୍ୱାଇଁ ଓ ଉପ-ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣାଙ୍କ ସମେତ ନାଟ୍ୟଦୀପର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଚଣ୍ଡିଖୋଲର ବିଭିନ୍ନ ସ୍ଥାନରେ ୭୬ତମ ସ୍ୱାଧୀନତା ଦିବସ ପାଳିତ



ଦର୍ପଣ (ପିଏନ)- ୭୫ ତମ ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ବଡଚଣାର ସମସ୍ତ ପଂଚାୟତ ଓ ଗ୍ରାମାଂଚଳରେ ଉତ୍ସାହ ଓ ଉଦୀପନା ସହ ପାଳନ କରାଯାଇଅଛି ଓ ସମସ୍ତଙ୍କ ଘରେ ଜାତୀୟ ପତାକା ଉଡାଯାଇଅଛି । ଚଣ୍ଡିଖୋଲର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ବିଧାୟକ ଅମର ପ୍ରସାଦ ଶତପଥୀ ପତାକା ଉତୋଳୋନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେଠାରେ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତି ମିନତୀ ସେନାପତି, ବ୍ଲକ ଉନୟନ ଅଧିକାରୀ ଅଜିତ ନାରାୟଣ ପ୍ରସାଦଗିରଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ବିଜେଡି ଦଳୀୟ କାର୍ଯ୍ୟାଳୟରେ ବିଧାୟକ ଅମର ପ୍ରସାଦ ଶତପଥି, ଦର୍ପଣ ତହସିଲ କାର୍ଯ୍ୟାଳୟରେ ତହସିଲଦାର ପ୍ରଦୀପ କୁମାର ସେଠୀ , ସେଂଟ୍ ଜାଭିୟର ପବ୍ଲିକ ସ୍କୁଲରେ ପ୍ରତିଷ୍ଠାତା ଦୁଷ୍ମନ୍ତ ପଣ୍ଡା, ଚଣ୍ଡିଖୋଲ କୋର୍ଟରେ ସବ୍‌ଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁ, ଭୂଷଣ୍ଡପୁର ପଂଚାୟତରେ ସରପଂଚ ଜଜାତୀ କେଶରୀ ରାଉତ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି ପତାକା ଉତୋଳନ କରିଥିବା ବେଳେ ଯେମଏଫସି ସୌମ୍ୟରଂଜନ ପୃଷ୍ଟି ଓ ଯେମଏଫସି ତସଲିମ ଦାସଙ୍କ ସହ ବାର କାଉନସିଲର ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ । ପ୍ରେସ କ୍ଲବ ଚଣ୍ଡିଖୋଲରେ ସଭାପତି ପ୍ରଦୀପ୍ତ କୁମାର ପରିଡା ପତାକା ଉତୋଳନ କରିଥିବା ବେଳେ ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ,ଶିବରାମ ସାହୁ , ଅଭିମନ୍ୟୁ ଧଳ, ପ୍ରଶାନ୍ତ ଜେନା ,ମୋହନ ଖିଲାର ,ସଞ୍ଜୟ ସ୍ୱାଇଁ ,ଦେବବ୍ରତ ଦେବତା ,ମହେଶ୍ୱର ରାଉତ, ଭାରତ ଭୂଷଣ ପଣ୍ଡା, ସୁରେନ୍ଦ୍ର ସାମଲ, ସେକ ସବୀର, ମସିର ଆଲାମ, ନରେନ୍ଦ୍ର ରାଉତ ଓ ପ୍ରସନ୍ନ ବିଶ୍ୱାଳ, ଦୟା ସାଗର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଚଣ୍ଡିଖୋଲ କଲେଜରେ ଅଧ୍ୟକ୍ଷ ଡଃ ମନୋଜ କୁମାର ଦାଶ, ଅଗ୍ନିଶମ କେନ୍ଦ୍ରରେ ଅଗ୍ନିଶମ ଅଧିକାରୀ, ବଡ଼ଚଣା ଥାନାରେ ଥାନାଧିକାରୀ ସୁଶୀଲ କୁମାର ନାୟକ, ବଡ଼ଚଣା ମେଡିକାଲରେ ଡ଼ଃ ରଶ୍ମି ରଞ୍ଜନ ପଶାୟତ, ଚଣ୍ଡିଖୋଲ ଫାଣ୍ଡିରେ ଚିତରଞ୍ଜନ ଜେନା ,ଆଂଚଳିକ ପରିବହନ କାର୍ଯ୍ୟାଳୟରେ ପରିବହନ ଅଧିକାରୀ, ଟ୍ରାଫିକ ଥାନାଧିକାରୀ, ଟ୍ରକ ମାଲିକ କର୍ଯ୍ୟାଳୟରେ ସଭାପତି ବିଭୁତି ଭୂଷଣ ଜେନା, ସମ୍ପାଦକ କିର୍ତୀରାଜ ସ୍ୱାଇଁ, ଉପଦେଷ୍ଟା ଚନ୍ଦନ ନାୟକ, ଆଂଚଳିକ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ଚଣ୍ଡିଖୋଲରେ ସଭାପତି ଶେଷଦେବ ନାୟକ, ସମ୍ପାଦକ ହେମନ୍ତ ସାମଲ, କୋଷାଧ୍ୟକ୍ଷ ଚିତରଞ୍ଜନ ମହାପାତ୍ର, ଇଶ୍ୱର ସାମଲ, ଶିକ୍ଷାବିତ ବ୍ରହ୍ମାନନ୍ଦ ଦାଶ, ଉପଦେଷ୍ଟା ସନ୍ତୋଷ କୁମାର ବିଶ୍ୱାଳ, ସତ୍ୟସାଇ ବାଳବିକାଶ କେନ୍ଦ୍ର ନିଶିମଳାରେ ଆବାହକ ପ୍ରଭାତ କୁମାର ଜେନା, ବଡ଼ଚଣା କଂଗ୍ରେସ କାର୍ଯ୍ୟାଳୟ ଚଣ୍ଡିଖୋଲରେ ସଭାପତି ଉମେଶ ଚନ୍ଦ୍ର ଜେନା ପତାକା ଉତୋଳନ କରିଥିବା ବେଳେ ଉପେନ୍ଦ୍ର ବ୍ରହ୍ମ, ମାନଗୋବିନ୍ଦ ଦାସ ଓ ଉପସଭାପତି ପ୍ରଦୀପ ମହାନ୍ତି ଉପସ୍ଥିତ ଥିଲେ। ଚାରବାଟିଆ ଦୁର୍ଗାମନ୍ଦିରରେ ପ୍ରତାପ ଗୋଛାୟତ, ପ୍ରୟାଶ କାର୍ଯ୍ୟାଳୟରେ ସଭାପତି ଆଶିଷ ମହାପାତ୍ର, ହୋଲି ଜେସସ ବିଦ୍ୟାଳୟରେ କାମିନୀ ନାୟକ ପତାକା ଉତୋଳନ କରି ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଗଣପତି ଜ୍ଞାନମନ୍ଦିର ଠାରେ ସମ୍ପାଦକ ପ୍ରଦୀପ୍ତ କୁମାର ପରିଡା ପତାକା ଉତୋଳନ କରି ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୁର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରେ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ସାମଲ, ସହକାରୀ ଶିକ୍ଷକ କେଶବ ଚନ୍ଦ୍ର ସ୍ୱାଇଁ, ଅନ୍ନପୂର୍ଣ୍ଣା ରାଉତ, ଅନିମା ବଳ, ରାଜଶ୍ରୀ ସାହୁ, ପ୍ରିୟମ୍ବଦା ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଚାରଣ ଗୋଷ୍ଠୀ ଓଡିଶା ପକ୍ଷରୁ ଚଣ୍ଡିଖୋଲ ନିକଟସ୍ଥ ନିଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାରଣ ଗୋଷ୍ଠୀ ଓଡିଶାର ଅଧ୍ୟକ୍ଷ ଉଦୟନାଥ ସାହୁ ଜାତୀୟ ପତାକା ଉତୋଳନ କରିଥିଲେ । ସେଠାରେ ସମାଜସେବୀ ପ୍ରଭୁନାଥ ଶର୍ମା, ସାଧନାର ସ୍ୱରୁପର ସମ୍ପାଦକ ପଣ୍ଡିତ ଦେବବ୍ରତ ଦେବତା, ସମ୍ବାଦିକ ଅନନ୍ତ ସ୍ୱାଇଁ, ପଣ୍ଡିତ ରଶ୍ମି ରଂଜନ କର ଯୋଗ ଦେଇଥିଲେ । ଚଣ୍ଡିଖୋଲ ଛକ ସ୍ଥିତ ବୁଦ୍ଧମୁର୍ତିଙ୍କ ନୁକଟରେ ପ୍ରାକ୍ତନ ସାଂସଦ ମୋହନ ଜେନା, ଯୁବନେତା ପ୍ରଦୀପ ଧଳ ପତାକା ଉତୋଳନ କରିଥିଲେ । ଭାରତୀୟ ବଣିକ ସଂଘର ସଭାପତି କ୍ଷୀରୋଦ ମାହାଲା ବଣିକ ସଂଘ କାର୍ଯ୍ୟାଳୟରେ, ଭାରତୀୟ ଷ୍ଟେଟବ୍ୟାଙ୍କ ଚଣ୍ଡିଖୋଲ ଶାଖା ଠାରେ ମୁଖ୍ୟ ପରିଚାଳକ, ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମୁଖ୍ୟ ଡାକ୍ତର, ସମାଜ ବିକାଶ କର୍ମଜୀବି ଶ୍ରମିକ ସଂଘ କାର୍ଯ୍ୟାଳୟରେ କମ୍ରେଡ ଯତିନ୍ଦ୍ର ଜେନା ପତାକା ଉତୋଳନ କରିଥିଲେ । ସେଠାରେ ନୃଶିଂଘ ମିଶ୍ର ଓ ରମେଶ ଜେନା ଉପସ୍ଥିତ ଥିଲେ । କ୍ଷେତ୍ରପାଳ ପଂଚାୟତରେ ସରପଂଚ ଫକୀର ନାରାୟଣ ମିଶ୍ର ପତାକା ଉତୋଳନ କରିବା ସହିତ ଉପସ୍ଥିତ ଥିବା ପିଲାମାନଙ୍କୁ ମିଷ୍ଟାନ ବଂଟନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ




Bhubaneswar Thursday August 18, 2022 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୧୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ-ବାଘମାରୀ ରାସ୍ତାରେ ୩ ଫୁଟର ବନ୍ୟାଜଳ,ଯାତାୟତ ବାଧାପ୍ରାପ୍ତ ରାସ୍ତା ବନ୍ଦ କଲା ପ୍ରଶାସନ




ଖୋର୍ଦ୍ଧା, (ପିଏନ): ଲଘୁଚାପ ଜନିତ ବର୍ଷା ଯୋଗୁଁ ମହାନଦୀର ଉପର ମୁଣ୍ଡ ହିରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିଲା ।ତେବେ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଗତକାଲି ସୁଦ୍ଧା ମୋଟ ୩୧ଟି ଗେଟ ଖୋଲା ଯାଇ ଜଳ ନିଷ୍କାସନ କରାଯାଇଥିଲା ।ଏହି ଜଳ ପ୍ରବାହିତ ହୋଇ ମହାନଦୀର ପାର୍ଶ୍ୱବତୀ ଅଂଚଳ ଗୁଡିକୁ ଜଳମଗ୍ନ କରିଥିବା ବେଳେ କଟକ ଜିଲ୍ଲା ବାଙ୍କୀସ୍ଥିତ ମହାନଦୀରେ ସଲଗ୍ନ କରୁଥିବା ରଣ ନଈର ଓଲଟା ପାଣି ଫେରି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବାଘମାରୀ-ସାରୁଅ ରାସ୍ତା ଉପରେ ୩ ଫୁଟର ପାଣି,ଅତ୍ରୀ ଉଷ୍ମ ପ୍ରସ୍ରବଣରେ ୫ ଫୁଟର ପାଣି ଓ ବାଙ୍କୀ-ସିମୋର ରାସ୍ତାର ପୋଡାଡିହ-ଦିନିଆରୀ ୧ ଫୁଟ ପାଣି, ଭୋଗଡା-ତୁଳସୀପୁର ରାସ୍ତାରେ ୫ ଫୁଟର ପାଣି ଜମି ଲହଡି ମାରୁଛି । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ,ବିଡିଓ ଲକ୍ଷ୍ମୀଧର ସାହୁ ଓ ବାଘମାରୀ ଥାନା ଅଧିକାରିଣୀ ପ୍ରଜ୍ଞାରିତମ୍ଭରା କର ପହଂଚି ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଠାରେ ପୂର୍ବାହ୍ନ ୧୦ ଘଟିକା ସମୟରେ ପହଂଚି ବାଘମାରୀ-ସାରୁଅ ଓ ଭୋଗଡା-ତୁଳସୀପୁର ରାସ୍ତାକୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା । ଘଟଣା ସ୍ଥଳରେ ବେଗୁନିଆ ଦମକଳ କାର୍ଯ୍ୟାଳୟର ଅଧିକାରୀ ମନୋ ରଞ୍ଜନ ରାଉତ କର୍ମଚାରୀଙ୍କ ସହିତ ଉପସ୍ଥିତ ରହି ସଜାଗ ରହିଛି ।ଏପରିକି ସମସ୍ତ ପ୍ରକାର ଥଇଥାନ ନିମନ୍ତେ ପ୍ରଶାସନ ପକ୍ଷରୁ ସଜାଗ ରହିଛି । ଏଥି ସହିତ ବେଗୁନିଆ ବ୍ଲକର ସାରୁଅ, ବାଘମାରୀ, ସିମୋର ,ପୋଡାଡିହ,ପଙ୍ଗାରସିଂହ ଓ ଦୁର୍ଗାପୁର ପଂଚାୟତର ୧୭୧୩ ହେକ୍ଟର ଫସଲ ଜମିରେ ବନ୍ୟା ଜଳ ପଶି ଧାନ ଫସଲ ନଷ୍ଟ ହେଉଛି ବୋଲି ବେଗୁନିଆ କୃଷି ଅଧିକାରୀ ଗଣେଶ୍ୱର ରଥ ପ୍ରାଥମିକ ଭାବରେ କ୍ଷୟକ୍ଷତିର ଆକଳନ ତଦନ୍ତ ରିପୋର୍ଟ ଆସିଛି ବୋଲି କହିଛନ୍ତି । ଖବର ଲେଖା ହେଲା ବେଳକୁ ଉଭୟ ରାସ୍ତାର ଜଳସ୍ତର ଧିରେ ଧିରେ କମିବାବାରେ ଲାଗିଛି ବୋଲି ଜଣା ପଡିଛି ।

## ସହୀଦ ବାଘାଜତୀନଙ୍କୁ ଶ୍ରଦ୍ଧାଞ୍ଜଳୀ

ବାଲେଶ୍ୱର,୧୮।୬(ପି.ଏନ) ବାଲେଶ୍ୱର ଜିଲ୍ଲା ଜେଲ୍ ପରିସରରେ ଥିବା ସହୀଦ ବାଘାଯାତୀନଙ୍କ ସ୍ମୃତି ପୀଠରେ ବିଜେପି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା । ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାକୁ ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ । ସହୀଦ ବାଘାଜାତୀନ ଓ ତାଙ୍କ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ସହୀଦ ବାଘାଜାତୀନ ଙ୍କ ବିଷୟରେ ସ୍ମୃତି ଚାରଣ କରିଥିଲେ । ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସ୍ୱାଧୀନତା ଦିବସ ଅବସରରେ ମିଷ୍ଟାନ ବଣ୍ଟନ କରିବା ସହିତ ବିଚାରଧୀନ ଜେଲ୍ ଅନ୍ତେବାସୀଙ୍କ ସହିତ ମୌଳିକ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀନ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ ଲମ୍ବଧର ନାୟକ, ପର୍ଶୁରାମ ପରିଡ଼ା, କମଳଲୋଚନ ଦାସ ପ୍ରମୁଖ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ ।



ଭଞ୍ଜନଗର ନିବାସୀ ପ୍ରତୀକ୍ଷା ମହାନ୍ତିଙ୍କ ତୂଳୀରେ କୈଳାସପତି ମହାଦେବ

## ପଞ୍ଚୁପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଆଜାଦି କା ଅମୃତ ମହୋତ୍ସବ ପାଳିତ

କେନ୍ଦୁଝର: (କେନ୍ଦୁ ଝର):ଆଜାଦି କା ଅମୃତ ମହୋତ୍ସବ ଓ ୭୫ତମ ସ୍ୱାଧୀନତା ଦିବସ ଡିବିରିମୁଣ୍ଡା ପଞ୍ଚୁପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ପାଳନ କରାଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ଡିବିରିମୁଣ୍ଡା ଓ ଢେଙ୍କିକୋଟ ଗ୍ରାମରେ ହର ଘର ତ୍ରିରଙ୍ଗାର ବାର୍ତତା ଦେଇ ରଘୁପତି ରାଘବ ରାଜାରାମ ଧୁନ ଗାନ କରି ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଡିମିରିମୁଣ୍ଡା ମଧ ଇଂରାଜୀ ବିଦ୍ୟାଳୟ ଓ ପଞ୍ଚୁପଲ୍ଲୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟ ସଭାଗୃହରେ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇଥିଲା । ପ୍ରଧାନଶିକ୍ଷକ ଜନାର୍ଦ୍ଦନ ମହାନ୍ତ ଉକ୍ତ ସଭାକୁ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ଭକ୍ତବତ୍ସଳ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସ୍ୱସ୍ତୀ ଫାଉଣ୍ଡେସନର ସମ୍ପାଦକ ମାନସ ରନ ପଣ୍ଡା ଯୋଗ ଦେଇ ଦେଶ ସ୍ୱାଧୀନତା ଆଣିବାରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ, ସହୀଦ ମାନଙ୍କ ବୀର ଗାଥା ବର୍ଣ୍ଣନା କରିଥିଲେ ।

## ଜିଲା ପରିବହନ ଓ ପୋଲିସ ବିଭାଗ ତରଫରୁ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଚଢ଼ଉ

ସୁବର୍ଣ୍ଣପୁର, ୧୭।୮(ପି.ଏନ): ଓଡିଶା ସରକାରଙ୍କ ପରିବହନ କମିଶନର ଏବଂ ଜିଲ୍ଲାପାଳ ସୁବର୍ଣ୍ଣପୁର ଆବୋଲୀ ସୁନିଲ ନରଓ୍ୱଣେଙ୍କ ନିର୍ଦ୍ଦେଶ ମତେ ତା ୧୬ରୁ ତା ୩୦ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ଦୁଇ ଚକିଆ ଯାନ ଚଳାଚଳ ଉପରେ ପୋଲିସ ଅଧିକାରୀଙ୍କ ସହ ପରିବହନ ବିଭାଗ କର୍ମଚାରୀଙ୍କ ସ୍ୱତନ୍ତ୍ର ମିଳିତ ଯାଂଚ୍ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଯାଂଚ୍ ଜିଲ୍ଲା ସମସ୍ତ ଥାନା ଓ ଫାଣ୍ଡି ଅଂଚଳରେ ଏକକାଳୀନ ଆରମ୍ଭ କରାଯାଇଛି । ଏହି ସ୍ୱତନ୍ତ୍ର ଯାଂଚ୍ ସମୟରେ ବିଶେଷ ଭାବେ ବିନା ହେଲମେଟ, ବିନା ଡ୍ରାଇଭିଙ୍ଗ ଲାଇସେନ୍ସ, ଟ୍ରିପଲ ରାଇଡ଼ର ଡ୍ରାଇଭିଂ, ବିନା ଇନସ୍ୟୁରେନ୍ସ ରେ ଗାଡି ଚାଳନ ଉପରେ ବିଶେଷ ପଦକ୍ଷେପ ନିଆଯାଉଛି । ଜିଲ୍ଲାର ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ ପୂର୍ବକ ଅବ୍ୟବସ୍ଥିତ ଗାଡିଚାଳନା ତଥା ବିନା କାଗଜାତରେ ଗାଡିଚାଳନା ନିଜ ତଥା ଅନ୍ୟ ମାନଙ୍କ ପାଇଁ ଦୁଃଖର କାରଣ ହୋଇଥାଏ, ଏଣୁ ସମସ୍ତେ ଏଥି ପ୍ରତି ସତର୍କ ହେବାକୁ ଜିଲ୍ଲା ଆରକ୍ଷୀ ଅଧିକାରୀ ଅମରେଶ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି । ସର୍ତକ ଓ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବା ସହ ଧନ ଜୀବନ ସୁରକ୍ଷିତ ରହିବ, ଏଣୁ ସମସ୍ତେ ଗାଡିଚାଳନା ସମୟରେ ଯତ୍ନବାନ ହେବାକୁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି । ଆଜି ଜିଲାର ବିଭିନ୍ନ ଥାନା ଅଂଚଳରେ ଯାଂଚ୍ ସମୟରେ ସନ୍ଧ୍ୟା ସୁଦ୍ଧା ପରିବହନ ବିଭାଗ ଦ୍ୱାରା ୩୫ ଗୋଟି ଓ ପୋଲିସ ବିଭାଗ ଦ୍ୱାରା ୫୭ ଗୋଟି ସମୁଦାୟ ୯୨ ଗୋଟି ଦୁଇଚକିଆ ଯାନର ଇ-ଚାଲାଣ କରାଯାଇଥିବା ବେଳେ ୨୪ ଗୋଟି ଦୁଇ ଚକିଆ ଗାଡିକୁ ଜବତ କରାଯାଇ ଗାଡି ଗୁଡିକୁ ସୋନପୁର ଓ ଉଲୁଣ୍ଡା ଥାନା ସହ ହିକୁଡି ଫାଣ୍ଡି କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।ପରିବହନ ଅଧିକାରୀ ସୁବର୍ଣ୍ଣପୁରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଯାଂଚ୍ କାର୍ଯ୍ୟକ୍ରମରେ ଏସଡିପିଓ ସୋନପୁର ପୁଷ୍ପାଞ୍ଜଳି ନିଙ୍ଗୀ, ଏସଡିପିଓ ବୀରମହାରାଜପୁର ଡୋଳାମଣି ଭୋଇ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଲୋକନାଥ ନାୟକଙ୍କ ସମେତ ସୋନପୁର ସହରାଂଚଳ ତଥା ଅନ୍ୟ ସମସ୍ତ ଥାନା ଅଧିକାରୀ ସମେତ ପରିବହନ ବିଭାଗ କର୍ମଚାରୀ ଓ ପୋଲିସ ବିଭାଗର ଅଧିକାରୀ ପ୍ରମୁଖ ସାମିଲ ଥିବା ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ଦିନରେ ଏହି ଚଢ଼ଉ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ତଥା କଡାକଡି କରାଯିବ ବୋଲି ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।

## ସ୍ୱାଧିନତା ଦିବସ ରେ ସ୍ୱଚ୍ଛତା ପାଇଁ ୩ ବିଦ୍ୟାଳୟ ପୁରସ୍କୃତ

କେନ୍ଦୁଝର:୧୭/୮(ଆ.ପ୍ର.):କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ୩ ଗୋଟି ବିଦ୍ୟାଳୟ ସ୍ୱଚ୍ଛତା ପାଇଁ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛନ୍ତି । ସୂଚନା ମୁତାବକ ଝୁମ୍ପୁରା ବ୍ଲକଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବାଲିବନ୍ଧ ପଚାଂୟତର ଶିରିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , କେରଳା ଇଙ୍ଗ୍ଲିଶ ମିଡିୟମ ସ୍କୁଲ, ଖେଣ୍ଡରା,ଝୁମ୍ପୁରା ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ନୟାଗଡ, ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛନ୍ତି । ସ୍ୱାଧିନତା ଦିବସ ଅବସରରେ ଶିରିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରା, କେରଳା ଇଙ୍ଗ୍ଲିଶ ମିଡିୟମ୍ ସ୍କୁଲ , ଖେଣ୍ଡରା,ଝୁମ୍ପୁରା ର ପ୍ରିନ୍ସିପାଲ ଶୁଭ୍ରା ମହାନ୍ତି ,ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନୟାଗଡ ର ପ୍ରାଧାନ ଶିକ୍ଷକ ଗିରିଶଚନ୍ଦ୍ର ବାରିକ, ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ , ବରିଷ୍ଠ ବୈଶୟିକ ପରାମର୍ଶଦାତା ଦୀଲ୍ଲୀପ କୁମାର ସାହୁ, ବୈଶୟିକ ପରାମର୍ଶଦାତା ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ନେତୃତ୍ୱରେ ଗ୍ରାମର ବୁଦ୍ଧିଜୀବି,ବିଦ୍ୟାଳୟର ପୁରାତନ ଆଲୁମ୍ନୀନା, ସ୍କୁଲ ପରିଚାଳନା କମିଟି , ଶିକ୍ଷକ,ଶିକ୍ଷୟିତ୍ରୀ ତଥା ଛାତ୍ର ଛାତ୍ରୀମାନଙ୍କୁ ନେଇ ଟିମ୍ ସ୍ପିରିଟ୍ କାମ କରି ବିଦ୍ୟାଳୟ ପରିସରରେ ଫୁଲ,ଫଳ ବୃକ୍ଷରୋପଣ ସାଙ୍ଗ କୁ ସ୍କୁଲ ପରିବେଶ ସ୍ୱଚ୍ଛ, ସୁସ୍ଥ , ସବୁଜ ସୁନ୍ଦର ତଥା ଖୁବ୍ ଆର୍କଷଣୀୟ ହୋଇପାରିଛି ।

## ଅସହାୟ କଲ୍ୟାଣ ସମିତି ପକ୍ଷରୁ ଅସହାୟମାନଙ୍କୁ ସହାୟତା ପ୍ରଦାନ

ପାରାଦୀପ,(ପିଏନ): ପାରାଦୀପର ଷଣ୍ଢକୁଦ ହେଉଛି ସବୁ ଠାରୁ ବଡ ବସ୍ତି । ଏଠାରେ ପାଖାପାଖି କୋଡିଏ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ଏହି ବସ୍ତିରେ ଥିବା ଅସହାୟ ମଣିଷମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଗଠିତ ହୋଇଛି ଅସହାୟ କଲ୍ୟାଣ ସମିତି । ସମାଜସେବୀ ପଂଚାନନ ବେହେରା ଏହି ସମିତିର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ଶ୍ରୀ ବେହେରାଙ୍କ ଉଦ୍ୟମରେ ସୋମବାର ଦିନ ପ୍ରଥମ ପର୍ଯ୍ୟାୟରେ ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପର ପୌରାଧକ୍ଷ ବସନ୍ତ ବିଶ୍ୱାଳ । ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ମହିଳା ଶାଖା ସଭାନେତ୍ରୀ ସବିତା ମହାପାତ୍ର, ପାରିଷଦ ଜଗନ୍ନାଥ ରାଓ କାମ୍ବଲା,ନବ କିଶୋର ବେହେରା ଯୋଗ ଦେଇଥିଲେ । ସମିତିର ମୁଖ୍ୟ ଉପଦେଷ୍ଟା ସାମ୍ବାଦିକ ରତ୍ନାକର ଜେନା ଓ ଅନ୍ୟତମ ଉପଦେଷ୍ଟା ଆଇନଜୀବୀ ସଂଜୟ କୁମାର ମିଶ୍ର ଯୋଗ ଦେଇ ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଷଣ୍ଢକୁଦର ବରିଷ୍ଠ ନାଗରିକ ସୁଧାଂଶୁ ବାଇ ସମିତିର ଏହି କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ପୌରାଧକ୍ଷ ଶ୍ରୀ ବିଶ୍ୱାଳ ସମିତି ପକ୍ଷରୁ ବସ୍ତିର ବୟସ୍କ, ଦିବ୍ୟାଙ୍ଗମାନଙ୍କୁ ଅସହାୟମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ଆଗାମୀ ଦିନରେ ଅସହାୟ କଲ୍ୟାଣ ସମିତିକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧରେ ସମିତିର ଉପସଭାପତି ପ୍ରତିମା ବେହେରା,ସମ୍ପାଦିକା ସସ୍ମିତା ଭୂୟାଁ, କୋଷାଧକ୍ଷ ସନ୍ତୋଷ ମଣ୍ଡଳ, କୈଳାସ ବେହେରା, କୈଳାସ ଗୋଛାୟତ, ଶିବ ପ୍ରସାଦ ବାରିକ,ସୁଶାନ୍ତ ଜେନା, ଜୟଦେବ ରାଉଳ,ସୁଲୋଚନା ସେଠୀ,ରଶ୍ମିତା ନାୟକ,ଜ୍ୟୋସ୍ନାରାଣୀ ଦାସମରୁନି ଜେନା,ରୁନୁ ବିଶ୍ୱାଳ,ସବିତା ଚୌଧୁରୀ, ଯଦୁମଣି ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଦର୍ଶ ପୋଖରୀ ଉଦ୍‌ଘାଟନ କଲେ ଆନନ୍ଦପୁର ବିଡିଓ

ଆନନ୍ଦପୁର:(ପି.ଏନ):ସ୍ୱାଧୀନତା ଦିବସ ଅବସରରେ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ ପଂଚାୟତର ପୁସୁକୁରା ଗ୍ରାମରେ ଏକ ଆଦର୍ଶ ପୋଖରୀକୁ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକ ଉଦ୍‌ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ ଏବଂ ପଞ୍ଚୁପଲ୍ଲୀ ପଂଚାୟତର ସରପଂଚ ଜ୍ୟୋସ୍ନାରାଣୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅମୃତ ପୋଖରୀ ଦ୍ୱାରା ପୁସୁକୁରା ଗ୍ରାମର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବା ସଙ୍ଗେ ସଙ୍ଗେ ଚାଷ ପାଇଁ ମଧ ଉପଯୋଗି ହୋଇପାରିବ । ଏହି ଆଦର୍ଶ ପୋଖରୀର ଉନ୍ନତି ନିମନ୍ତେ ସରକାର ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବା ପାଇଁ ବିଡିଓ ପଞ୍ଚାନନ ମଲ୍ଲିକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ପୁସୁକୁରା ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବନ୍ୟା ପିଡିତଙ୍କ ପାଖରେ ପ୍ରଥମେ ରିଲିଫ ପହଂଚାଇଲା ଇଫକୋ ପାରାଦୀପ ୟୁନିଟ୍

ପାରାଦୀପ,(ପିଏନ): ଲଗାଣ ବର୍ଷା ଓ ପରେ ପରେ ବନ୍ୟା ପରିସ୍ଥିତିର ସାମ୍ନା କରୁଛନ୍ତି ଓଡିଶାର ୧୦ ଜିଲ୍ଲାର ୧୪୦୦ ଗ୍ରାମ । ଏହି ଲଗାଣ ବର୍ଷା ଓ ବନ୍ୟାରେ ପାଖାପାଖି ଅଢେଇ ଲକ୍ଷ ଲୋକ ଏହି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ମହାନଦୀ ଅବବାହିକାରେ ଓ ଉପର ମୁଣ୍ଡରେ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ମହାନଦୀ କୂଳ ଲଙ୍ଘନ କରି ଗାଁ ଭିତରେ ପାଣି ପଶିଯାଇଛି । ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । କୁଜଙ୍ଗ ନିକଟବର୍ତ୍ତୀ ମହାନଦୀ ଅବବାହିକାର ଲୋକମାନେ ବନ୍ୟା ପରିସ୍ଥିତିରେ ଥିବା ବେଳେ କୁଜଙ୍ଗର ବି.ଡି.ଓ. ସୌମ୍ୟଶ୍ରୀ ପାଣିଗ୍ରାହୀ ରିଲିଫ ଯୋଗାଇ ଦେବାକୁ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ.ପଟେଲଙ୍କୁ ଅନୁରୋଧ କରିଥିଲେ । ଏହା ପରେ ବନ୍ୟା ପିଡିତଙ୍କୁ ସହଯୋଗ କରିବା ଓ ସେମାନଙ୍କୁ ସାହାଯ୍ୟର ହାତ ବଢାଇଛି ଇଫକୋ । ଶ୍ରୀ ପଟେଲଙ୍କ ତୁରନ୍ତ ନିର୍ଦ୍ଦେଶରେ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ବନ୍ୟାଂଚଳ ଲୋକମାନଙ୍କ ନିକଟରେ ପ୍ରଥମ ସଂସ୍ଥା ଭାବେ ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କୁ ଚୂଡା, ଗୁଡ,ବିସ୍କୁଟ୍, ମହମବତୀ,ଦିଆସିଲ ଆଦି ପ୍ରଦାନ କରିଛନ୍ତି । ଇଫକୋ ପୁଣି ଥରେ ଅସହାୟ, ବିପର୍ଯ୍ୟୟ ସାମ୍ନା କରୁଥିବା ଲୋକମାନଙ୍କ ପାଖରେ ପହଂଚି ନିଜର ସାମାଜିକ ଉନ୍ନୟନ ପଦକ୍ଷେପର ପ୍ରମାଣ ଦେଇଛି । ବନ୍ୟା ପିଡିତଙ୍କ ପାଖରେ ପ୍ରଥମେ ସହଯୋଗର ହାତ ବଢାଇ ପାରାଦୀପ ଅଂଚଳର ଅନ୍ୟ ଶିଳ୍ପ ସଂସ୍ଥାମାନଙ୍କ ଆଗରେ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିପାରିଛି । ଯେତେବେଳେ ବିପର୍ଯ୍ୟୟ ପରିସ୍ଥିତି ଆସିଛି ପିଡିତମାନଙ୍କ ପାଖରେ ପହଂଚିଛି ଇଫକୋ । ଆଗାମୀ ଦିନରେ ଏହି ଭଳି କାର୍ଯ୍ୟ ଜାରୀ ରହିବ ବୋଲି ଶ୍ରୀ ବେଉରା କହିଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray